# ପୁନରୁଦ୍ଧାର ଅପେକ୍ଷାରେ ଦୁଃଖିଶ୍ୟାମ ଛତା ମଠ

ପୁରୀ ଅଫିସ, ୨୦।୧୦





ନୀଳାଚଳ କ୍ଷେତ୍ରରେ ଥିବା ୩୭୪ ମଠ ଓ ଆଶ୍ରମ ମଧ୍ୟରୁ ଅନ୍ୟତମ ପ୍ରାଚୀନ ମଠ ହେଉଛି ଦୁଃଖିଶ୍ୟାମ ଛତାମଠ। ଦୁଃଖିଶ୍ୟାମ ଦାସ ପ୍ରଥମେ ପୁରୀ ଆସି ଶ୍ରୀମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଯେଉଁଠି ଛତା ପୋତି ଶ୍ରୀନୀଳଚକ୍ରଙ୍କୁ ଚାହିଁ ଧ୍ୟାନସ୍ଥ ହେଉଥିଲେ, ସେହି ସ୍ଥାନ ପରବର୍ତ୍ତୀ ସମୟରେ ଦୁଃଖିଶ୍ୟାମ ଛତା ମଠ ଭାବେ ପରିଚୟ ପାଇ ବିଖ୍ୟାତ ହୋଇଛି। ମଠର ଦକ୍ଷିଣ ପାର୍ଶ୍ୱରେ ଶ୍ରୀଲୋକନାଥ ମନ୍ଦିରକୁ ରାସ୍ତା ରହିଥିଲା। ସେହିପରି ଉତ୍ତରରେ ଗଜପତି ମହାରାଜାଙ୍କ ହାତୀଶାଳକୁ ସଂଯୋଗ କରୁଥିବା ରାସ୍ତା 'ହାତୀ ଗୋହିରି' ଥିଲା। ଏହି ମଠ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି।

ଗଙ୍ଗବଂଶର ପ୍ରତିଷ୍ଠାତା ଚୋଡ଼ଗଙ୍ଗଦେବ ୧୦୨୮ ମସିହାରେ ଶ୍ରୀମନ୍ଦିର ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଐତିହ୍ୟ ଅଛି ଯେ, ଅବସ୍ଥା ଚକ୍ରରେ ଗଜପତିଙ୍କ ଶରୀରରେ ବଡ଼ରୋଗ ଦେଖା ଦେଇଥିଲା। ସେ ଦୁଃଖିଶ୍ୟାମ ବାବାଙ୍କ ଆଶ୍ରୟ ନେଇଥିଲେ। ବାବା ସୁସ୍ଥ କରିଦେବା ପରେ ଛତାପୋତା ସ୍ଥାନ ସମେତ ୩୫ ଏକର ଜାଗା ତାଙ୍କୁ ଗଜପତି ମହାରାଜା ଦାନ କରିଥିଲେ। ସେହି ଜାଗା ମଧ୍ୟରୁ ଏବେ ମାତ୍ର ୦୯ ଏକର ରହିଛି। ବ୍ରହ୍ମଗିରିର ରେଣ୍ଟା ବରପଦା ଓ ସୁନାମୁହିଁ ବରପଦାରେ ମହାରାଜା ଜମି ଖଞ୍ଜିଦେଇଥିଲେ। ବାବା କେଉଁଠୁ ପୁରୀ ଆସିଥିଲେ ତା'ର ଇତିହାସ ନାହିଁ। ବାବା କିନ୍ତୁ ଆଉ ଶ୍ରୀକ୍ଷେତ୍ର ଛାଡ଼ି ଯାଇ ନ ଥିଲେ। ମାଙ୍କଡ଼ା ପଥରରେ ୩୫ ହାତର ମନ୍ଦିର ନିର୍ମାଣ କରି ଶ୍ରୀଲକ୍ଷ୍ମୀ ନାରାୟଣଙ୍କୁ ପ୍ରତିଷ୍ଠା କରିଥିଲେ। ଏହି ବିଗ୍ରହ ଦାକ୍ଷିଣାତ୍ୟ ଶୈଳୀରେ ନିର୍ମିତ। ମନ୍ଦିର ମଧ୍ୟଭାଗରେ ବିଦାରଣ ନୃସିଂହଙ୍କ ଉପାସନା କରୁଥିଲେ। ଶ୍ରୀମନ୍ଦିର ନୀଳଚକ୍ରର ଠିକ୍ ସରଳରେଖାରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମଠ ମନ୍ଦିରର ନୀଳଚକ୍ର ସେ ବସାଇଥିଲେ। ଜଗମୋହନ ଓ ନାଟମଣ୍ଡପ ଭଗ୍ନାବସ୍ଥାରେ ରହିଛି। ଛତାପୋତା ସ୍ଥାନରେ ନିର୍ମିତ ନାଟମଣ୍ଡପ ଠିକ୍ ଛତା ସଦୃଶ। ଏହା ଆଠ କୋଣିଆ କାନ୍ଥ, ଆଠ କୋଣିଆ ଛାତ। ଦୁଃଖିଶ୍ୟାମ ବାବା ଥିଲେ ପରମ ଯୋଗୀ। ହଂସ ସମ୍ପ୍ରଦାୟର ଉପାସନା ଧାରାରେ ସେ ଅନ୍ତନାଡ଼ି ଶରୀର ଭିତରୁ କାଢ଼ି ଶୋଧନ କରୁଥିଲେ। ସେଥିପାଇଁ ସେ ଶ୍ରୀକ୍ଷେତ୍ରରେ ଅନ୍ତଃପଖାଳ ବାବା ନାମରେ ପରିଚିତ ଥିଲେ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ପ୍ରକାଶ କରିଛନ୍ତି।

ମଠର ଐତିହ୍ୟ ଅନୁସନ୍ଧାନ କରିବାକୁ ଗୁରୁବାର ଯିବା ପରେ ଡ. ମିଶ୍ର ମତ ଦେଇଛନ୍ତି ଯେ, ମଠଟି ପ୍ରଥମେ ଶ୍ରୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଥିଲା ଓ ଏହା ହାରାହାରି ହଜାର ବର୍ଷରୁ ଅଧିକ ପୁରାତନ। ମନ୍ଦିରରେ ସ୍ଥାନିତ ବିଗ୍ରହ ଦୃଷ୍ଟିରୁ ଅବସ୍ଥାଚକ୍ରରେ ଏହି ମଠ ନିମ୍ବାର୍କ ସମ୍ପ୍ରଦାୟରେ ସାମିଲ ହୋଇଥିଲା। ଏଠାରେ ଶ୍ରୀରାଧାକୃଷ୍ଣ ପୂଜା ପାଉଥିଲେ। ଏବେ କେବଳ ଶ୍ରୀରାଧା ଅଛନ୍ତି। ଶିଷ୍ୟ ଭଗବାନ ଦାସ ସୁବର୍ଣ୍ଣ ନିର୍ମିତ ଶ୍ରୀକୃଷ୍ଣ ଶ୍ରୀବିଗ୍ରହ ନେଇ ରାମଜୀ ମଠକୁ ଦେଇଥିଲେ। ସେତେବେଳେ ମହନ୍ତ ଥିଲେ ଦୀନକୃଷ୍ଣ ଦାସ।

ଏହା ୧୫୦୦ ମସିହା ପୂର୍ବ କଥା। ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ଉପରେ ବିଧର୍ମୀଙ୍କ ଆକ୍ରମଣ କାଳରେ ଲୋକନାଥ ଘାଟ ଓ ମଙ୍ଗଳା ଘାଟର ସୁରକ୍ଷା ପାଇଁ ନାଗାସାଧୁ ଏଠାରେ ରହିଥିବା ଜଣାଯାଏ। ସେବେ ରାମାନନ୍ଦୀ ସମ୍ପ୍ରଦାୟର ପ୍ରଭାବ ପଡ଼ିବାରୁ ନାଗାସାଧୁଙ୍କ ଉପାସନା ପାଇଁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ପୂଜା ପାଉଥିଲେ। ଏଠାରେ ହନୁମାନଙ୍କର ୫ ବିଗ୍ରହ ଅଛନ୍ତି। ପରେ ନିମ୍ବାର୍କ ସମ୍ପ୍ରଦାୟର ମଠ ବୋଲି ଉଲେଖ କରାଯାଇଛି। ଏହି ଅନୁସନ୍ଧାନରେ ଦୁର୍ଗାପ୍ରସାଦ ମିଶ୍ର ଏବଂ ସିଦ୍ଧାର୍ଥ ଆଚାର୍ଯ୍ୟ ସହଯୋଗ କରିଥିଲେ। ମନ୍ଦିର ବ୍ୟତୀତ ଆଉ ସବୁ ଗୃହ ଧ୍ୱଂସ ପାଇଯାଇଥିବାରୁ ମହନ୍ତ ଯାଇ ବାଣପୁର ଖମାରରେ ରହୁଛନ୍ତି। ମଠ ପରିସରରେ ଥିବା ୨ଟି ପୋଖରୀ ବ୍ୟବହାର ଉପଯୋଗୀ ନୁହେଁ। ମଠ ପରିସରରେ ଦୁଃଖିଶ୍ୟାମ ବାବାଙ୍କ ସମାଧି ରହିଛି। ଖମାରଗୁଡ଼ିକରୁ କିଛି ଆସୁନାହିଁ କି ସରକାରୀ ସାହାଯ୍ୟ ମିଳୁନାହିଁ। ତଥାପି ନିମାଇଁ ଚରଣ ବାରିକ, କୃଷ୍ଣଚନ୍ଦ୍ର ସାହୁ ଏବଂ ଦୀପକ ମହାପାତ୍ରଙ୍କ ସହଯୋଗ ତଥା ବଦାନ୍ୟ ବ୍ୟକ୍ତିଙ୍କ ଦାନରେ ତାରାପ୍ରସାଦ ମହାପାତ୍ର ପ୍ରାୟ ୪୦ ବର୍ଷ ଧରି ପୂଜା ବିଧାନ କରି ଆସୁଛନ୍ତି। ମଠ ପକ୍ଷରୁ ଶ୍ରୀମନ୍ଦିରରେ ଥିବା ୨ଟି ଚୁଲା ହସ୍ତାନ୍ତର ହୋଇଯାଇଛି। ତେବେ ମଠ ପକ୍ଷରୁ ୨୧ ଦିନ ଧରି ଚନ୍ଦନ ଯାତ୍ରା ସମୟରେ ପନ୍ତି, ହରିହର ଭେଟ (ଜାଗର) ଦିନ ପନ୍ତି ହେଉଛି। ଏବେ ରକ୍ଷଣାବେକ୍ଷଣ ଅଭାବରୁ ମଠଟି ସର୍ପସଙ୍କୁଳ ହୋଇପଡ଼ିଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ନ ଦେଲେ ଏକ ହଜାର ବର୍ଷର ଏହି ପ୍ରାଚୀନ ଐତିହ୍ୟ ପୁରୀରୁ ଲୋପ ପାଇଯିବ ବୋଲି ଡ. ମିଶ୍ର ମତବ୍ୟକ୍ତ କରିଛନ୍ତି।

**ଏକ ହଜାର ବର୍ଷର ପ୍ରାଚୀନ ଐତିହ୍ୟ**

- ଅନ୍ତଃ ପଖାଳ ବାବା ଭାବେ ପରିଚିତ ଥିଲେ ଦୁଃଖିଶ୍ୟାମ ଦାସ
- ଶ୍ରୀକ୍ଷେତ୍ରର ସୁରକ୍ଷା ପାଇଁ ଏଠାରେ ରହୁଥିଲେ ନାଗା ସାଧୁ





ନବୀନ ନିବାସରେ ବୁଧବାର ମିଶନ ଶକ୍ତି ଏସ୍ଏଚ୍ଜି ସଦସ୍ୟାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଆଇସିୟୁ ନ ମିଳିବାରୁ ରୋଗୀଙ୍କ ଜୀବନ ଗଲା

**ଏସ୍ସିବି ମେଡିକାଲ**

କଟକ ଅଫିସ,୨୦।୧୦

କଟକ ଏସ୍ସିବି ମେଡିକାଲ କାଜୁଆଲ୍ଟିରେ ଭର୍ତ୍ତି ହୋଇଥିବା ଜଣେ ଗୁରୁତର ରୋଗୀଙ୍କୁ ଆଇସିୟୁ ନ ମିଳିବାରୁ ମୃତ୍ୟୁ ଘଟିଛି। ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଜିଲା ଅନ୍ତର୍ଗତ ଭେପାଗୁଡ଼ାର ଜି. ରବି ତେଜା ଗୁରୁତର ଥିବା ତାଙ୍କ ଭାଇ ଜି. ନରସିଂହାମୂର୍ତ୍ତିଙ୍କୁ ଚିକିତ୍ସା ନିମନ୍ତେ ଏସ୍ସିବି ମେଡିକାଲରେ ବୁଧବାର ଭର୍ତ୍ତି କରିଥିଲେ। ତାଙ୍କ ପାଇଁ ଆଇସିୟୁର ଆବଶ୍ୟକତା ଥିବାବେଳେ ଏସ୍ସିବିରେ ଆଇସିୟୁ ନ ଥିଲା। ତେଣୁ ସେ ତାଙ୍କ ଭାଇଙ୍କୁ ଏକ ଘରୋଇ ମେଡିକାଲକୁ ନେବାକୁ ଚାହିଁଥିଲେ। ସେ ତାଙ୍କ ଭାଇଙ୍କୁ ମେଡିକାଲ କାଜୁଆଲ୍ଟିରୁ ଘରୋଇ ମେଡିକାଲକୁ ନେବା ନିମନ୍ତେ ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଦାବି ମୁତାବକ ୧୫୦୦ ଟଙ୍କା ଦେଇଥିଲେ। ମାତ୍ର ମେଡିକାଲରୁ ସ୍ଥାନାନ୍ତର କରିବା ପୂର୍ବରୁ ତାଙ୍କ ଭାଇଙ୍କର ମୃତ୍ୟୁ ଘଟିଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ଆମ୍ବୁଲାନ୍ସ ଡ୍ରାଇଭର ନେଇଥିବା ଭଡ଼ା ବାବଦ ଟଙ୍କା ଆଉ ଫେରାଇ ନ ଥିଲେ। ଏନେଇ ରବି ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୬୬/୨୨) ରୁଜୁ କରିଥିଲା। ଏଥିସହ ଆମ୍ବୁଲାନ୍ସ ଓ ୧୫୦୦ ଟଙ୍କା ଜବତ କରି ଡ୍ରାଇଭର ଦିଲ୍ଲୀପ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ଏସ୍ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ରୋଗୀଙ୍କ ଆବଶ୍ୟକତା ଅନୁସାରେ ଆଇସିୟୁ ଶଯ୍ୟା ସଂଖ୍ୟା କମ୍ ରହିଛି। ତେଣୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ନୂତନ ଆଇସିୟୁ ଅଧିକ ସଂଖ୍ୟାରେ ନିର୍ମାଣ ଚାଲିଛି। ସେଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଏଭଳି ଅସୁବିଧା ରହିବ ନାହିଁ ବୋଲି ଆଶା ରହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦମୟନ୍ତୀ



@ ଆଦିତ୍ୟ



@ ଅବିନାଶ



@ ବିପିନ୍



@ ଆଦି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆଜାଦ୍ ହିନ୍ଦ୍ ବାହିନୀର ପ୍ରତିଷ୍ଠା ଦିବସ, ରସୁଲଗଡ଼ସ୍ଥିତ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଓଡ଼ିଶା ଷ୍ଟେଟ୍ କନ୍କ୍ଲେଭ୍-୨୦୨୨, ସଫ୍ଟୱେର୍ ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ, ଏସ୍ଟିପିଏଲ୍ର ଲାଇଟ୍ ଟାୱାର, ମଳିପଡା, ପୂର୍ବାହ୍ନ ୧୦ଟା।
- ପିଏଫ୍ଆର୍ଡିଏର ମିଡିଆ ରାଉଣ୍ଡ ଟେବୁଲ, ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲ୍, ଜନପଥ, ପୂର୍ବାହ୍ନ ୧୧ଟା।
- ପ୍ରତୀକ୍ଷା ଫିଲ୍ମର ଟ୍ରେଲର ରିଲିଜ୍, ହୋଟେଲ ସ୍ୟାଣ୍ଡି ଟାୱାର, ଅପରାହ୍ନ ୪ଟା।
- ଇଣ୍ଡିଆ ଚାମ୍ବର ଅଫ୍ କମର୍ସ ଟ୍ରେନିଂର ଉଦ୍ଘାଟନ, କ୍ୟାପିଟାଲ ହାଇସ୍କୁଲ୍, ଅପରାହ୍ନ ୫ଟା।
- ମୁଲାୟମ ସିଂ ଯାଦବଙ୍କ ବିୟୋଗରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା, ସୂଚନା ଭବନ, ଅପରାହ୍ନ ୫ଟା।

**କଟକ**

- ୬୩ତମ ପୋଲିସ ଶହୀଦ ଦିବସ ପରେଡ୍, ରାଜ୍ୟ ପୋଲିସ ମୁଖ୍ୟାଳୟ, ବକ୍ସିବଜାର, ସକାଳ ୮ଟା।

# ଅର୍ଚ୍ଚନା ଡର, ମୁହଁମୋଡ଼ି ପଳାଇଲେ ପୋଲିସ କମିଶନର

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ବଡ଼ବଡିଆ ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ହନିଟ୍ରାପ୍ରେ ଫସାଇ ବିପୁଳ ଅର୍ଥ ହଡ଼ପ ଅଭିଯୋଗରେ ଗିରଫ ହୋଇଥିବା ରହସ୍ୟମୟୀ ଅର୍ଚ୍ଚନା ନାଗ ଏବେ ଜେଲରେ ଦିନ କାଟୁଛନ୍ତି। ତେବେ ତାଙ୍କ ଲିଙ୍କ୍ରେ ଥିବା ତଥା ସୁରକ୍ଷା ଦେଉଥିବା ବଡ଼ବଡ଼ିଆଙ୍କ ପାଖରେ ପହଞ୍ଚିବାକୁ କମିଶନରେଟ ପୋଲିସ ଚେଷ୍ଟା କରୁନାହିଁ। ୧୪ ଦିନିଆ ବିଚାର ବିଭାଗୀୟ ହାଜତ ଅବଧି ସମୟରେ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ନ ଆଣିବା ଓ ପଚରାଉଚରା ନ କରିବା ଆଦିକୁ ନେଇ ପୋଲିସର ଦୁର୍ବଳ ତଦନ୍ତ ପଦାରେ ପଡିଥିବାବେଳେ ଖୋଦ୍ ପୋଲିସ କମିଶନରଙ୍କ ଆଭିମୁଖ୍ୟ କମିଶନରେଟ ପୋଲିସର ସ୍ଥିତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପ୍ରଥମରୁ ନୀରବଦ୍ରଷ୍ଟା ସାଜିଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଗୁରୁବାର ଅର୍ଚ୍ଚନା ଗିରଫ ମାମଲାରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ନ ଦେଇ ମୁହଁ ମୋଡି ଚାଲିଯିବାକୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଛି। ଅର୍ଚ୍ଚନା ଡର ଓ ଉଚ୍ଚ କ୍ଷମତାଶାଳୀଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ଏଭଳି ନୀରବଦ୍ରଷ୍ଟା ସାଜିଥିବା କୁହାଯାଉଛି। ସେହିପରି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱରଙ୍କ ବିରୋଧରେ ସମାନ ଦଫା ଲାଗିଥିଲେ ମଧ୍ୟ ସେମାନଙ୍କ ଉପରେ କାହିଁକି ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ କରୁନାହିଁ ବୋଲି ପ୍ରଶ୍ନ ଉଠୁଛି।

ଅନ୍ୟପକ୍ଷରେ ଦିନକୁ ଦିନ ଅର୍ଚ୍ଚନାଙ୍କ ସମ୍ପର୍କରେ ନୂଆ ନୂଆ କଥା ସାମ୍ନାକୁ ଆସୁଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ କେନ୍ଦୁଗୁଡ଼ାରେ ଜନ୍ମିତ ଅର୍ଚ୍ଚନା ୨୦୦୧ ନଭେମ୍ବର ୯ରେ



ଲାଞ୍ଜିଗଡ଼ ସରକାରୀ ସ୍କୁଲରେ ପ୍ରଥମ ଶ୍ରେଣୀରେ ଆଡ୍ମିଶନ୍ କରି ୨୦୦୮ ଯାଏ ପାଠ ପଢ଼ିଥିଲେ। ସପ୍ତମ ଶ୍ରେଣୀରେ ପଢ଼ିବାବେଳେ ୨ଜଣ ଯୁବକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ଆଣିବା ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ଅର୍ଚ୍ଚନା ତାଙ୍କ ଗାଁ ଛାଡ଼ି କେସିଙ୍ଗାସ୍ଥିତ ମାମୁଘରକୁ ଚାଲିଆସି ସ୍ଥାନୀୟ ଏକ ଘରୋଇ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଥିଲେ। ହେଲେ ପୂର୍ବ ସ୍କୁଲରୁ କୌଣସି ଟ୍ରାନ୍ସଫର୍ ସାର୍ଟିଫିକେଟ୍ ନ ଆଣି ସେଠାରେ ଆଡ୍ମିଶନ କରି ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଅକ୍ଟୋବର ୬ରୁ ଗିରଫ ହୋଇ ଜେଲରେ ଥିବା ଅର୍ଚ୍ଚନାଙ୍କ ୧୪ ଦିନିଆ ବିଚାର ବିଭାଗୀୟ ହାଜତର ଅବଧି ବୁଧବାର ସରିଥିଲା। ହେଲେ ପୋଲିସ ପକ୍ଷରୁ ରିମାଣ୍ଡ ଆବେଦନ କରା ନ ଯିବାରୁ ଅର୍ଚ୍ଚନାଙ୍କ ବିଚାର ବିଭାଗୀୟ ହାଜତ ଅବଧିକୁ କୋର୍ଟ ବଢ଼ାଇ ଦେଇଛନ୍ତି।

- ପୋଲିସର ନୀରବତାକୁ ନେଇ ଚାରିଆଡ଼େ ଚର୍ଚ୍ଚା
- ଟ୍ରାନ୍ସଫର୍ ସାର୍ଟିଫିକେଟ୍ ନ ଆଣି ଅଷ୍ଟମରେ ନାମ ଲେଖାଇଥିଲେ

# ଜାନୁୟାରୀ ୭ରୁ ଆନ୍ତର୍ଜାତିକ ଜ୍ୟୋତିଷ ସମ୍ମିଳନୀ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

୨୦୨୩ ଜାନୁୟାରୀ ୭ ଓ ୮ ତାରିଖ ଦୁଇଦିନ ଧରି ଆନ୍ତର୍ଜାତିକ ଜ୍ୟୋତିଷ ସମ୍ମିଳନୀ ଭୁବନେଶ୍ୱରଠାରେ ଆୟୋଜିତ ହେବ। ଏନେଇ ଇଣ୍ଡିଆନ୍ ବାସ୍ତୁ ଆଣ୍ଡ୍ ଆଷ୍ଟ୍ରୋଲୋଜିକାଲ୍ ରିସର୍ଚ୍ଚ ସେଣ୍ଟରର ପ୍ରତିଷ୍ଠାତା ଡ. ପୀୟୂଷ ପିପାସୁ ଦାସ, ସହପ୍ରତିଷ୍ଠାତା ଡ. ଅଶ୍ୱଜିତ୍ ଧଳ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ 'ବାସ୍ତୁ ଏବଂ ଜ୍ୟୋତିର୍ବିଜ୍ଞାନର ସାମାଜିକ ପ୍ରଭାବ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସମେତ ଦେଶର ସମସ୍ତ ଜନସାଧାରଣ ଯୋଗ ଦେଇପାରିବେ। ଏହି ଅବସରରେ ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍, ବାସ୍ତୁବିଦ୍ ଏବଂ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ପ୍ରଫେସର ଡ. ହୃଦାନନ୍ଦ ବଳ, ପ୍ରଫେସର ଡ. ପି.ଆର୍. ହାଲ୍ଦାର, ଇଂ. ପ୍ରଦୀପ କୁମାର, ଡ. ଦୈତାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଡିପ୍ଲୋମା ଇଞ୍ଜିନିୟର୍ସ ପରୀକ୍ଷା ସିଲାବସ୍କୁ ପରିବର୍ତ୍ତନ ଦାବିରେ ଗୁରୁବାର ଡିପ୍ଲୋମା ଇଞ୍ଜିନିୟର୍ସ ଆଶାୟୀ ପ୍ରାର୍ଥୀମାନେ ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।




୭ ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ 'ଚିର ସବୁଜ ଗୀତ'ରେ କଣ୍ଠଶିଳ୍ପୀ ଗୀତା ଦାସ ସଙ୍ଗୀତ ପରିବେଷଣ କରୁଛନ୍ତି।



ଚିଟ୍ଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦାବିରେ ସାମାଜିକ କର୍ମୀ ଅର୍ଣ୍ଣବ ପାଣ୍ଡବ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍ଜିରେ ଅଭିନବ ପ୍ରତିବାଦ କରୁଛନ୍ତି।

## ବଟି ନ ଦେବାରୁ ଯୁବକଙ୍କୁ ମାଡ଼

ଭୁବନେଶ୍ୱର,୨୦।୧୦(ବ୍ୟୁରୋ): ଲକ୍ଷେ ଟଙ୍କା ବଟି ନ ଦେବାରୁ ଠିକାଦାର ସଂସ୍ଥାର ଜଣେ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଆକ୍ରମଣର ଶିକାର ହୋଇଥିବା ଯୁବକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯୁବକ ଜଣକ ୱାଟ୍‌କୋ ଜଳଯୋଗାଣ କାର୍ଯ୍ୟ କରନ୍ତି। ଚକେଇଶିଆଣିର ଦୀପକ ଓ ସହଯୋଗୀ ଆସି ତାଙ୍କୁ ଲକ୍ଷେ ଟଙ୍କା ବଟି ମାଗିଲେ। ସେ ମନା କରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏପରିକି ବାଇକ୍‌ରେ ବସାଇ କିଛି ବାଟ ନେବା ପରେ ପଥରରେ ତାଙ୍କ ଗୋଡକୁ ଛେଚି ନାନା ଧମକ ଦେଇ ଫେରାର ହୋଇଯାଇଥିଲେ।

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ସୁରଭି

ବାଲିପାଟଣା/ବାଲିଅନ୍ତା,୨୦।୧୦(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅଧୀନ ଅଭୟମୁଖୀ ବରାହୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଆଲୁମିନି ଆସୋସିଏଶନ ସଭାପତି ସନ୍ତୋଷ କୁଣ୍ଡ ଏବଂ ପରିଚାଳନା ପରିଷଦର ସଭ୍ୟମାନେ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସିଆରସିସି ତୋଫାନ ଭଞ୍ଜ ଉତ୍ସବ ପରିଚାଳନା କରିଥିଲେ। ସେହିଭଳି ବାଲିଅନ୍ତା ବ୍ଲକ୍‌ର ଦିବ୍ୟସିଂହ ଆଞ୍ଚଳିକସ୍ତରୀୟ ଶିଶୁମେଳା ସୁରଭି କାର୍ଯ୍ୟକ୍ରମ ଭୁବନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବାଲିଅନ୍ତା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଶିକ୍ଷକ ଶିବ ନାରାୟଣ ବେହେରା, ପରିଚାଳନା କମିଟି ସଭାପତି ମହେନ୍ଦ୍ର ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସିଆର୍‌ସିସି ବିଭୂତି ଭୂଷଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଭୁବନପୁର ପ୍ରଧାନଶିକ୍ଷକ ଉମାକାନ୍ତ ଦାସ ପରିଚଳନା କରିଥିଲେ।

### କୁଶଭଦ୍ରା ବ୍ୟାରେଜ୍ ସ୍ଥଳ ଅନୁଧ୍ୟାନ କଲେ ଅଧିକାରୀ

ବାଲିଅନ୍ତା,୨୦।୧୦(ଡି.ଏନ୍.ଏ.)- ବାଲିଅନ୍ତା ବ୍ଲକ ଅଧୀନ ରାମଚନ୍ଦ୍ରପୁରସ୍ଥିତ କାଜ ନିକଟରେ ପ୍ରବାହିତ କୁଶଭଦ୍ରା ନଦୀ ଉପରେ ଏକ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ୧୩୨ କୋଟିର ଅର୍ଥ ବ୍ୟୟ ଅଟକଳ କରାଯାଇଛି। ଏହି ସ୍ଥାନରେ ଟେଣ୍ଡର ପାଇଥିବା ଏଜେନ୍ସି ପକ୍ଷରୁ ବୋରିଙ୍ଗ କରାଯାଇ ମାଟି ପରୀକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଗୁରୁବାର ମହାନଦୀ କାଠଯୋଡି ସିଷ୍ଟମର ମୁଖ୍ୟଯନ୍ତ୍ରୀ ସାଗର ମହାନ୍ତି, ଓସିସ୍‌ର ମ୍ୟାନେଜିଂ ଡାଇରେକ୍ଟର, କେନ୍ଦ୍ରୀୟ ଜଳସେଚନ ସର୍କଲ ବିଘ୍ନରାଜ ପୁରୋହିତ, ପ୍ରାଚୀ ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରତାପଚନ୍ଦ୍ର ଚୌଧୁରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡଙ୍ଗୀ, ସହକାରୀ ଯନ୍ତ୍ରୀ ଭୀମସେନ ବେହେରା ଓ କିଶୋର ବେହେରା ନିର୍ମାଣାଧୀନ ବ୍ୟାରେଜର କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ।

### ଜୀବନ କୌଶଳ, ଉଦ୍ୟୋଗ ଭିତ୍ତିକ କର୍ମଶାଳା

ପୁରୁଣା ଭୁବନେଶ୍ୱର,୨୦।୧୦(ଡି.ଏନ୍.ଏ.): ଅସହାୟ ପିଲାମାନଙ୍କ ରକ୍ଷଣାବେକ୍ଷଣ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ କାର୍ଯ୍ୟ କରୁଛି। ୟୁନିସେଫ ସହାୟତାରେ ସ୍ୱେଚ୍ଛାସେବୀ ସଙ୍ଗଠନ ସଂଯୋଗ ଏବଂ ରୁଚିକା ଚାଇଲ୍ଡଲାଇନ ଏଭଳି ପିଲାଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ଜୀବନ କୌଶଳ ଏବଂ ଉଦ୍ୟୋଗ ଭିତ୍ତିକ ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଗୁରୁବାର ଭୁବନେଶ୍ୱର ରୁଚିକା ଚାଇଲ୍ଡଲାଇନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଯୋଗର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପୋଲିସ୍ ଆଇଜି ବଚ୍ଛକୃଷ୍ଣ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ଶିଶୁ କଲ୍ୟାଣ ପରିଷଦର ସଦସ୍ୟ ସଚିବ ସୁଶ୍ରୀ କ୍ୱାମର ସୁଲତନା ବେଗମ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ସଦସ୍ୟ ହରିହର ନାୟକ, ୟୁନିସେଫ କନସଲଣ୍ଟାଣ୍ଟ ଦେବୀକାରାଣୀ ସାହୁ, ରୁଚିକାର ସିଇଓ ଡ.ବେଣୁଧର ସେନାପତି, ରାମ କିଶୋର ଶର୍ମା, ଦେବାନସ ଦାସ, ରାନି ମହାନ୍ତି, ସବଲମ ପାଣି, ସୁଶ୍ରୀ ସଂଜୋଲି ପ୍ରମୁଖ ଉପସ୍ଥିତ ଥିଲେ।

## ଦୀପାବଳୀ ପାଇଁ ଗାଇଡ୍‌ଲାଇନ୍

# ରାତି ୮ରୁ ୧୦ ଫୁଟିବ ବାଣ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)



ଦୁଇବର୍ଷର କରୋନା କଟକଣା ପରେ ଚଳିତ ବର୍ଷ ଆଲୋକର ପର୍ବ ଦୀପାବଳୀକୁ ସହରବାସୀ ବଡ଼ ଧୁମ୍‌ଧାମ୍‌ର ସହ ପାଳନ କରିବାକୁ ଚାହିଁ ବସିଛନ୍ତି। ଏଥର ବାଣ ଫୁଟାଇବାକୁ ଅନୁମତି ଥିବାରୁ ଆତସବାଜିରେ ପ୍ରକମ୍ପିତ ହେବ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର। ତେବେ ଦୀପାବଳୀକୁ ସୁରକ୍ଷିତ ତଥା ଶୃଙ୍ଖଳିତ ଭାବେ ପାଳନ କରିବାକୁ କମିଶନରେଟ ପୋଲିସ ପ୍ରସ୍ତୁତ ରହିଥିବାବେଳେ ବାଣ ବିକ୍ରି ଓ ଫୁଟାଇବା ପାଇଁ ଗୁରୁବାର ୧୯ଟି ଗାଇଡ୍‌ଲାଇନ୍ ଜାରି କରିଛି। ବାଣ ବିକ୍ରି କରୁଥିବା ଦୋକାନୀ ଓ ଲୋକମାନେ ନିୟମ ମାନିବାକୁ ପୋଲିସ ପକ୍ଷରୁ କୁହାଯାଇଛି। ଦୀପାବଳୀର ରାତି ୮ଟାରୁ ୧୦ଟା ମଧ୍ୟରେ ବାଣ ଫୁଟାଇବାକୁ ନିର୍ଦ୍ଦେଶ ରହିଛି। ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ ଏବଂ କୋର୍ଟ ଆଦି ନିଷିଦ୍ଧାଞ୍ଚଳରେ ବାଣ ଫୁଟାଇବାକୁ ବାରଣ କରାଯାଇଛି। ବାଣ ଦୋକାନଗୁଡ଼ିକ ପରସ୍ପରଠାରୁ ଅତିକମ୍‌ରେ ତିନି ମିଟର ଦୂରତା ପାଳନ କରିବେ। ଦୋକାନଗୁଡ଼ିକ ପରସ୍ପରର ସମ୍ମୁଖୀନ ନ ହେବା ସହ ଦୋକାନର ଚଟାଣ କ୍ଷେତ୍ର ୧୦-୧୨ବର୍ଗ ମଧ୍ୟରେ ସୀମିତ ରହିବ। ଦୋକାନଠାରୁ ୫୦ ମିଟର ମଧ୍ୟରେ ବାଣ ଫୁଟାଯାଇ ପାରିବ ନାହିଁ। ତେଲରେ ଜଳୁଥିବା ଦୀପ, ଗ୍ୟାସ୍ ଲ୍ୟାମ୍ପ, ମହମବତୀ କିମ୍ବା ଖୋଲା ଆଲୋକ ବ୍ୟବହାର କରାଯିବ ନାହିଁ। ଗୋଟିଏ କ୍ଲଷ୍ଟରରେ ୫୦ରୁ ଅଧିକ ଦୋକାନକୁ ଅନୁମତି ଦିଆଯିବ ନାହିଁ। ଦୋକାନଗୁଡ଼ିକରେ ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ର, ସୁବିଧା ଆଦି ବ୍ୟବସ୍ଥା ରଖାଯିବ। ଦୋକାନୀମାନେ କମ୍ ପ୍ରଦୂଷିତ ହେଉଥିବା ସବୁଜ ବାଣଗୁଡିକ ବିକ୍ରି କରିପାରିବେ। ଲୋକମାନେ ଲାଇସେନ୍ସପ୍ରାପ୍ତ ଦୋକାନରୁ ବାଣ କିଣିବେ। ବାଣଗୁଡ଼ିକ ୧୨୫ ଡେସିବିଲ୍ ଶବ୍ଦ ମଧ୍ୟରେ ରହିବ। ଦୋକାନୀମାନେ ବିଦେଶୀ ବାଣ ବିକ୍ରି କରିପାରିବେ ନାହିଁ। ଅନ୍‌ଲାଇନ୍ ବାଣ ବିକ୍ରିକୁ ବାରଣ କରାଯାଇଛି। ଏସବୁ ନିୟମକୁ ଉଲ୍ଲଂଘନ କଲେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ୬ ଲକ୍ଷ ଟଙ୍କାର ବାଣ ଜବତ, ବ୍ୟବସାୟୀ ଗିରଫ

ଦୀପାବଳୀ ପାଇଁ ରାଜଧାନୀରେ ବେଆଇନ ବାଣ ବିକ୍ରି ବନ୍ଦ ପାଇଁ ଅଣ୍ଟାଭିଡିଛି କମିଶନରେଟ ପୋଲିସ । ଗୁରୁବାର କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ହାଟ ଭିତରେ ବେଆଇନ ବାଣ ଦୋକାନରେ ଚଢାଉ କରି କ୍ୟାପିଟାଲ ଥାନା ପୋଲିସ ବିପୁଳ ବାଣ ଜବତ କରିଛି। ଏଥିସହ ବ୍ୟବସାୟ କରୁଥିବା ବାଲିଅନ୍ତା ଅଞ୍ଚଳରେ ରହୁଥିବା କଟକ ଜିଲାର ତୁଷାର କାନ୍ତ ଜେନାଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୨୫ ପ୍ରକାରର ବାଣ ଜବତ କରାଯାଇଛି। ଜବତ ବାଣର ମୂଲ୍ୟ ୬ ଲକ୍ଷରୁ ଅଧିକ ଟଙ୍କା ହେବ।

ସୂଚନାନୁସାରେ, ବାଣ ବିକ୍ରି ପାଇଁ ଲାଇସେନ୍ସ ଦିଆଯାଇଛି। ବେଆଇନ ଭାବେ ବାଣ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ନିୟମକୁ ଅବମାନନା କରି ଜନଗହଳି ପୂର୍ଣ୍ଣ ସ୍ଥାନରେ ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବାରୁ ତୁଷାରଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଏଓଭିଏସ୍ଏ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର



ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ଅଲ୍ ଓଡ଼ିଶା ଭେଟେରାନ ସୋଲ୍‌ଜର୍ସ ଆସୋସିଏଶନ (ଏଓଭିଏସ୍ଏ)ର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଓଡ଼ିଶାର ସାମରିକ ବାହିନୀର ସେବା ନିବୃତ୍ତ ସୈନିକଙ୍କ ସମସ୍ୟା ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଓଭିଏସ୍ଏର ସଭାପତି ଭେଟେରାନ ମହେଶ୍ୱର ବେହେରା, ସମ୍ପାଦକ ଭେଟେରାନ ଉମେଶ କୁମାର ଚଇନି, ଯୁଗ୍ମ ସମ୍ପାଦକ ଭେଟେରାନ ସୁଶାନ୍ତ କୁମାର ମହାନ୍ତି, ଭେଟେରାନ ରୁଦ୍ରପ୍ରସାଦ ମହାପାତ୍ର ଓ ନରସିଂହପୁର ଏକ୍ସ-ସର୍ଭିସ୍‌ମେନ ଆସୋସିଏଶନ ସଭାପତି ଭେଟେରାନ ଜୟପ୍ରକାଶ ରଥ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ। ଭୁବନେଶ୍ୱରରେ ଓଡ଼ିଶାର ସମସ୍ତ ଶହୀଦ ଯବାନଙ୍କ ନିମିତ୍ତ ଏକ ଶହୀଦ ସ୍ମାରକ ପ୍ରତିଷ୍ଠା, ଓଡ଼ିଶାରେ ଯବାନଙ୍କ ପାଇଁ ସଂରକ୍ଷିତ ଥିବା ଯବାନ ଲିଜ୍ ଜମିକୁ ପୁନର୍ବାର ଦେବା, ରାଜ୍ୟରେ ସେବା ନିବୃତ୍ତ ଯବାନଙ୍କୁ ୧୦ପ୍ରତିଶତ ନିଯୁକ୍ତି ଦେବା, ଓଡ଼ିଶାରେ ଜିଲ୍ଲା ସୈନିକ ବୋର୍ଡରେ ଷ୍ଟାଫ ନ ଥିବାରୁ ସୈନିକମାନେ ଅନେକ ଅସୁବିଧାରେ ସମ୍ମୁଖୀନ ହେବା, ସିଏସ୍‌ଡି କ୍ୟାଣ୍ଟିନରେ ଯବାନଙ୍କୁ ଭେଦଭାବ ତଥା ଅଫିସରଙ୍କୁ ଅଲଗା କ୍ୟାଣ୍ଟି ଷ୍ଟୋରର ସୁବିଧା, ଡିଜିଆର୍ ସ୍ପୋନ୍ସରଶିପ୍‌ରେ ଅଫିସରଙ୍କୁ ଅଗ୍ରାଧିକାର ତଥା ଯବାନଙ୍କୁ ଅଣଦେଖା କରିବା ଘଟଣା, କଟକରେ ସୈନିକ ଆରାମ ଘରର ରିନୋଭେଶନ ପାଇଁ ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହେବା, ଓଡ଼ିଶାରେ ସେବା ନିବୃତ୍ତ ଯବାନଙ୍କୁ ଥଇଥାନର ଅଭାବ ଆଦି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏଥିସହ ନିଶା ପାଇଁ ଯୁବ ଏବଂ ଛାତ୍ର ସମାଜ ପଥଭ୍ରଷ୍ଟ ହେଉଥିବାରୁ ନଭେମ୍ବର ୬ରେ ଏକ ଜନଜାଗରଣ ଅଭିଯାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଆକର୍ଷଣୀୟ ଦୀପର ଅନନ୍ୟ ସମ୍ଭାର



### ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ହସ୍ତଶିଳ୍ପ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଏକାମ୍ର ହାଟଠାରେ ଚାଲିଛି ୨୨ତମ ମୃତ୍ତିକା ହସ୍ତଶଳ୍ପ ପ୍ରଦର୍ଶନୀ। ଦିନ ସରି ଆସୁଥିବାରୁ ଭିଡ଼ ମଧ୍ୟ ବଢ଼ି ଚାଲିଛି। ୨୨ ତାରିଖରେ ସରୁଥିବା ଏହି ପ୍ରଦର୍ଶନୀରେ ଭଳିକି ଭଳି ଦୀପ ସାଙ୍ଗକୁ ବିଭିନ୍ନ ପ୍ରକାର ଟେରାକୋଟା ସାମଗ୍ରୀର ପସରା ମେଲିଛି। ଆଗକୁ ଦୀପାବଳି ଓ ଏବେ ଭଲ ପାଗ ଥିବାରୁ ଲୋକେ ମେଳା ବୁଲିବା ସହ କିଣାକିଣିର ମଜା ନେଉଛନ୍ତି। ରଙ୍ଗିନ ଓ ପ୍ଲେନ୍ ବିଭିନ୍ନ ଡିଜାଇନର ଆକର୍ଷଣୀୟ ଦୀପର ଅନନ୍ୟ ସମ୍ଭାର ରହିଥିବାରୁ ଏହାର ଅଧିକ ଚାହିଦା ଦେଖିବାକୁ ମିଳୁଛି। ପଞ୍ଚମୁଖୀ ଦୀପ, ଦଶମୁଖୀ ଦୀପ, ଷ୍ଟାଣ୍ଡ୍ ଦୀପ, ଝୁଲେନ୍ ଦୀପକୁ ଗ୍ରାହକ ପସନ୍ଦ କରୁଛନ୍ତି। ଏହାବ୍ୟତୀତ ମାଟି ହାଣ୍ଡି, ଘରକରଣା ସାମଗ୍ରୀ, ଷ୍ଟେଚ୍ୟୁ, ମାଟି କଣ୍ଢେଇ ଭଳି ସୁନ୍ଦର ଓ ଆକର୍ଷଣୀୟ ଟେରାକୋଟା କଳାକୃତି ଉପଲବ୍ଧ ରହିଛି। ଘର ସଜା ପାଇଁ ପାଣି ପଟ୍, ଘୋଡ଼ା, ହାତୀ, ଗାଈ, ବାଛୁରୀ, ମାଟି କଢ଼େଇ ଆଉ ହାଣ୍ଡି, ଶୁଆ ତା' ସହିତ ଦେବଦେବୀଙ୍କ ମୂର୍ତ୍ତି, କଳସୀ ଚଉରା, ଟ୍ରାଇବାଲ ଆର୍ଟ ଭଳି ସାମଗ୍ରୀ ଲୋକଙ୍କୁ ବେଶ୍ ଆକୃଷ୍ଟ କରୁଛି। ପ୍ରଦର୍ଶନୀରେ ବସି ଶିଳ୍ପୀମାନେ ରଙ୍ଗ ଦେଇ ଏହି ସାମଗ୍ରୀକୁ ଅଧିକରୁ ଅଧିକ ସୁନ୍ଦର କରୁଥିବା ଦର୍ଶକମାନେ ପ୍ରତ୍ୟକ୍ଷ ଭାବେ ଦେଖିବାକୁ ପାଉଛନ୍ତି।

## ଫୋନ୍ ନମ୍ବର ନ ଦେବାରୁ ଯୁବତୀଙ୍କ ମା', ଭାଇଙ୍କୁ ମାଡ଼

### ୧୩ଦିନ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ଯୁବତୀଙ୍କୁ ପ୍ରେମ ନିବେଦନ କରି ଫୋନ୍ ନମ୍ବର ମାଗିଲେ। ହେଲେ ନମ୍ବର ନ ଦେବାରୁ ଯୁବତୀଙ୍କ ଘରକୁ ଯାଇ ମା' ଓ ଭାଇଙ୍କୁ ମାର୍‌ପିଟ କରିବା ସହ ହତ୍ୟା ଧମକ ଦେଲେ। ଅଭିଯୋଗର ୧୩ ଦିନ ପରେ ଶେଷରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶ୍ରୀ ଲିଙ୍ଗରାଜ ଥାନା ପୋଲିସ ରାଣୀ ହାଉସ୍ ଛକରୁ ଗିରଫ କରିଛି। ସେ ହେଲେ ଓଲ୍ଡଟାଉନ ଅଞ୍ଚଳର ବିଶ୍ୱଜିତ ନାୟକ। ଏନେଇ ପୋଲିସ ମାମଲା ନଂ ୨୫୬/୨୨ରେ ଅଭିଯୁକ୍ତ ବିଶ୍ୱଜିତ୍‌ଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୁକ୍ତ ଯୁବକ ରାଣୀ ହାଉସ୍‌ଛକ ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଯୁବତୀ ଯେତେବେଳେ ମାର୍କେଟ ଆସୁଥିଲେ ସେହି ସମୟରେ ଯୁବକ ତାଙ୍କ ପିଛା କରି ପ୍ରେମ ନିବେଦନ କରୁଥିଲେ। ଏପରିକି ଫୋନ୍ ନମ୍ବର ଦେବାକୁ କହୁଥିଲେ। ହେଲେ ଯୁବତୀ ଜଣକ ଘଟଣା ସମ୍ପର୍କରେ ଘରେ ଜଣାଇଥିଲେ। ଯୁବତୀଙ୍କ ମା ଓ ଭାଇ ଅଭିଯୁକ୍ତ ବିଶ୍ୱଜିତଙ୍କୁ ପଚାରିବାରୁ ସେ ଗାଳିଗୁଲଜ କରିଥିଲେ। ଗତ ୭ ତାରିଖରେ ବିଶ୍ୱଜିତ ଯୁବତୀଙ୍କ ଘରକୁ ଯାଇ ମା ଓ ତାଙ୍କ ଭାଇଙ୍କୁ ମାଡ ମାରି ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିବା ପରେ ବିଶ୍ୱଜିତ ଫେରାର ହୋଇଯାଇଥିଲେ।

## ଆଦର୍ଶ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ନିଖିଳ ଉତ୍କଳ ଶାକାହାରୀ ରଂଗଣୀ ସମାଜ ପକ୍ଷରୁ ସୂଚନା ଭବନରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତ ଆଦର୍ଶ ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନସ୍ୱରୂପ ମୋମେଣ୍ଟୋ ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକଙ୍କ ବାଗ୍ମୀତା ଏବଂ ପ୍ରତିଭାକୁ ପ୍ରଶଂସା କରିଥିଲେ। ଏଥିସହ ଏଭଳି ପ୍ରତିଭାକୁ ସମ୍ବର୍ଦ୍ଧିତ କରି ତାଙ୍କୁ ଆଗକୁ ବଢିବାର ପ୍ରେରଣା ଦେବା ସହ ସମାଜକୁ ସୁନ୍ଦର ବାର୍ତ୍ତା ଦେଇଥିବା ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ।

ପୁରୀ ଜିଲା ନିମାପଡା ବ୍ଲକ ବଳଙ୍ଗା ଥାନା ଅନ୍ତର୍ଗତ ବାଙ୍ଗୁରଷ ପାଟଣା ଗ୍ରାମର ଶିକ୍ଷକ ଈଶ୍ୱର ଚନ୍ଦ୍ର ଏକାଧାରରେ ଜଣେ ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଓ ଗ୍ରନ୍ଥକାର। ଏହାବ୍ୟତୀତ ସେ ନିଜ ଅଞ୍ଚଳରେ ନଲେଜ୍ ସେଣ୍ଟର ନାମକ ଏକ କୋଚିଂ ସେଣ୍ଟର ଖୋଲି ମାଗଣାରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ସମାଜର ସ୍ଥାୟୀ ସଭାପତି କିଶୋର ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହରିହର ସାହୁ, କାର୍ଯ୍ୟକାରୀ ସଭାପତ ଜମ୍ବେଶ୍ୱର ବେହେରା, ଉପସଭାପତି ଯଜ୍ଞେଶ୍ୱର ବେହେରା, ସମ୍ବର୍ଦ୍ଧନା ସଭାର ସାଙ୍ଗଠନିକ କମିଟି ମୁଖ୍ୟ ଡ. ସୁଦର୍ଶନ ବେହେରା, ଭୁବନେଶ୍ୱର ରଂଗଣୀ ସମାଜ ମଣ୍ଡଳର ସଭାପତି ରଘୁନାଥ ସାହୁ, ୫୫୦ ଘର ରଂଗଣୀ ସମାଜ ମଣ୍ଡଳର ଉପଦେଷ୍ଟା ପ୍ରତାପ ଚନ୍ଦ୍ର ଦାସ, ଡମ୍ବରୁଧର ଦାସ, ପାତ ପଇତା ୩୦୦ ଘର ରଂଗଣୀ ମଣ୍ଡଳର କାର୍ଯ୍ୟକାରୀ କମିଟି ସଭ୍ୟ, ଭୁବନେଶ୍ୱର ଡୁମୁଡୁମା ରଂଗଣୀ ମଣ୍ଡଳର ସଭାପତି ପ୍ରଭାକର ସାହୁ ଓ ସମ୍ପାଦକ ଦୀନବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜନସମ୍ପର୍କ ପଦଯାତ୍ରାକୁ ବିରୋଧ

### ଦୁଇ ଗୋଷ୍ଠୀ ମଧ୍ୟରେ ଠେଲାପେଲା

ବାଲିପାଟଣା,୨୦।୧୦(ଡି.ଏନ୍.ଏ.)



ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରାକୁ ନେଇ ବିବାଦ ଦେଖାଦେଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ଠେଲାପେଲା ଯୋଗୁ ଏହି ପଦଯାତ୍ରା ବନ୍ଦ ରହିଥିଲା। ସୂଚନା ମୁତାବକ, ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ଏହି ଜନସମ୍ପର୍କ ପଦଯାତ୍ରା ପାଇଁ କର୍ମୀମାନେ ବିଧାୟକ ଡା.ଅରବିନ୍ଦ ଢାଲିଙ୍କୁ ସ୍ୱାଗତ କରିବା ପାଇଁ ତୁରିନ୍ତିରା ପଞ୍ଚାୟତଠାରେ ଉପସ୍ଥିତ ଥିଲେ। ଅସନ୍ତୁଷ୍ଟ ଗୋଷ୍ଠୀ ସେଠାରେ ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ଠେଲାପେଲା ହୋଇଥିଲା। ବିରୋଧ ଯୋଗୁ ଏହି ପଦଯାତ୍ରାକୁ ବିଧାୟକ ଢାଲି ନ ଆସିବାରୁ ସମର୍ଥିତ କର୍ମୀମାନେ ନିରାଶ ହୋଇଥିଲେ। ଅନ୍ୟପଟେ ଅସନ୍ତୁଷ୍ଟ ଗୋଷ୍ଠୀର ଶତାଧିକ ମହିଳା ଓ ପୁରୁଷ ସମର୍ଥକ ବିଧାୟକଙ୍କ ବିରୋଧରେ ନାରାବାଜି କରିବା ସହିତ ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ୍ କହୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ଥାନାଧିକାରୀ କୃପାସିନ୍ଧୁ ବରାଡ, ବାଲକାଟୀ ଓ ବନମାଳିପୁର ଫାଣ୍ଡି ଅଧିକାରୀ ସଦଳବଳ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# ଜୀବନବିନ୍ଦୁରେ ୭୭ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ବାସନ୍ତୀଦୁର୍ଗା ମିନିଟ୍ରକ୍ ଆସୋସିଏସନ ଓ ଓଡ଼ିଶା ମୋ ପରିବାରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରସୁଲଗଡ଼ ଛକ ନିକଟସ୍ଥ ସଂଘର କାର୍ଯ୍ୟାଳୟ ପରିସରରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଶିବିରର ଶୁଭାରମ୍ଭ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜୀବନବିନ୍ଦୁ ସଂଯୋଜକ ଡ. ପ୍ରକାଶ ତ୍ରିପାଠୀ, ଓଡ଼ିଶା ମୋ ପରିବାର ସହ ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ, ରାଜ୍ୟ ଛାତ୍ର ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ ଏବଂ ସ୍ଥାନୀୟ କର୍ପୋରେଟର ସେଖ ନୁର ହାସନ୍ ଯୋଗ ଦେଇଥିଲେ। ଉକ୍ତ ଶିବିରରୁ ମୋଟ ୭୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ବୋଲି ଜୀବନବିନ୍ଦୁ ସଂଯୋଜକ ଡ. ତ୍ରିପାଠୀ ସୂଚନା ଦେଇଛନ୍ତି। ଉକ୍ତ ଶିବିରରେ ସଞ୍ଜୟ ବଳିୟାର ସିଂ, ଲୋକେଶ କୁମାର, ଯୁବ ବିଜେଡି ନେତା ଇଂ ଅକ୍ଷୟ କୁମାର ସ୍ୱାଇଁ, ସଂଘର ସଭାପତି ନିଖିଳ ରାଉତରାୟ, ସମ୍ପାଦକ ସୁଶାନ୍ତ ରଣା, ଦୀନବନ୍ଧୁ ପତି, ଯୁବ ନେତା ଦେବୀଦତ୍ତ ରଥ, ଦୀପକ ନାୟକ ଓ ବାସନ୍ତୀଦୁର୍ଗା ମିନିଟ୍ରକ ଓନର୍ସ ଆସୋସିଏସନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।





ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ପାତ୍ରସାହି ବସ୍ତିକୁ ବିଏମ୍‌ସି ଉଚ୍ଛେଦ ଘୋଷଣା କରିବା ପରେ ଥଇଥାନ ଦାବିରେ ଗୁରୁବାର ବସ୍ତିବାସିନ୍ଦାମାନେ ଚନ୍ଦ୍ରଶେଖରପୁର ସାମନ୍ତବିହାରସ୍ଥିତ ବିଏମ୍‌ସି ଉତ୍ତରମଣ୍ଡଳ କାର୍ଯ୍ୟାଳୟୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ସାଇବର - ଟେଲିକମ ସଂକ୍ରାନ୍ତୀୟ ସଚେତନତା

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ସାଇବର ସୁରକ୍ଷା ମାସ ଅବସରରେ ଗୁରୁବାର ପୋଲିସ ସେବା ଭବନରେ ଏକ ନିରାପତ୍ତା ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାଇରେକ୍ଟର ଅଫ୍ ଟେଲି କମ୍ୟୁନିକେଶନ ଏବଂ ଭୋଡାଫୋନ-ଆଇଡିଆର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଡ. ଉମାଶଙ୍କର ଦାଶ, ସିକ୍ୟୁରିଟି ଡିଜି ଭି.ବି.ପି. ପାଣ୍ଡେ, ଭୋଡାଫୋନ-ଆଇଡିଆର ଭାଇସ୍ ପ୍ରେସିଡେଣ୍ଟ ଅନୀଲ ଭର୍ସନୀ ପ୍ରମୁଖ ଉପସ୍ଥିତ ରହି ସାଇବର ସୁରକ୍ଷା ଏବଂ ଟେଲି କମ୍ୟୁନିକେଶନର ସୁରକ୍ଷା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ।

# ୩ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ଖାରବେଳ ନଗର ଥାନା ଅଧୀନରେ ଥିବା ୩ଟି ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଛି। ସିଇଏମ୍‌ସି ପକ୍ଷରୁ ସତ୍ୟନଗର ଲେକ୍ ଜୋନ୍-୩ ନିକଟରେ ଥିବା ସତ୍ୟକାଳୀ ବସ୍ତିକୁ ହଟାଯାଇଥିଲା। ଉଚ୍ଛେଦ ପରେ ଏହି ସ୍ଥାନରେ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ତେବେ ଉକ୍ତ ସ୍ଥାନରେ ପ୍ରାୟ ୨୧ଟି ପରିବାରର ୭୫ଟି କୋଠରି ଭଙ୍ଗାଯାଇଥଲା। ତେବେ ବସ୍ତି ଭାଙ୍ଗିବା ସମୟରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ସେହିପରି ଖାରବେଳ ନଗର ମୌଜା ଅନ୍ତର୍ଗତ ପ୍ଲଟ୍ ନଂ. ୧୪୭୨, ଖାତା ନଂ. ୪୪୧ରେ ଓପିଟିସିଏଲ୍ ପକ୍ଷରୁ ୧୩/୧୧ କେଭି ଜିଆଇଏସ୍ ସବଷ୍ଟେସନ୍ ସ୍ଥାପନ କରାଯିବାକୁ ଥିବାରୁ ସମ୍ପୃକ୍ତ ଅଞ୍ଚଳରୁ ଉଚ୍ଛେଦ କରାଯାଇଥିଲା। ରାମ ମନ୍ଦିର ଛକ ନିକଟରେ ଥିବା ଶୁଭମ୍ ମାର୍କେଟ କମ୍ପ୍ଲେକ୍ସର ଇଲେକ୍ଟ୍ରିକାଲ ପ୍ୟାନେଲ ରୁମ୍‌କୁ ମଧ୍ୟ ଭଙ୍ଗାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏର ଅତିରିକ୍ତ କମିଶନର (ଏନ୍‌ଫୋର୍ସମେଣ୍ଟ) ହରିଶ ନାୟକ, ଏନ୍‌ଫୋର୍ସମେଣ୍ଟ ଅଫିସର-୨ ପ୍ରମୋଦ କୁମାର ପାତ୍ର, ବିଏମ୍‌ସି ଡେପୁଟି କମିଶନର କମଲ୍‌ଜିତ୍ ଦାସ, ଖାରବେଳ ନଗର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ୧ ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଏବଂ ଗୋଟେ ସେକ୍ସନ ମହିଳା ପୋଲିସ ନିୟୋଜିତ ଥିଲେ।

## ସଂକ୍ଷେପରେ

### ରେଳଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ବୋଲଗଡ଼,୨୦।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧାରୋଡ-ବଲାଙ୍ଗିର ରେଳପଥର ବୋଲଗଡ ଷ୍ଟେଶନ ପଞ୍ଚୁକୋଟ ନିକଟ ରେଳଧାରଣାରୁ ବୋଲଗଡ଼ ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରି ନୟାଗଡ ଜିଆରପି ଥାନାକୁ ହସ୍ତାନ୍ତର କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୋଲଗଡ ବଜାର ଅଞ୍ଚଳରେ କିଛିଦିନଧରି ବୁଲୁଥିବା ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତଦେହ ହୋଇଥିବା ସନ୍ଦେହ କରାଯାଉଛି।

### ଶିକ୍ଷାବିତ୍ ବିଚିତ୍ରାନନ୍ଦ ଚମ୍ପତିରାୟଙ୍କ ପରଲୋକ



ଖୋର୍ଦ୍ଧା ଅଫିସ, ୨୦।୧୦: ଖୋର୍ଦ୍ଧା ବ୍ଲକ କାଇପଦରର ବିଶିଷ୍ଟ ଶିକ୍ଷାବିତ୍, ସାମାଜିକ କର୍ମୀ ତଥା ରାଜନେତା ବିଚିତ୍ରାନନ୍ଦ ଚମ୍ପତିରାୟ(୯୪)ଙ୍କ ଗୁରୁବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କାଇପଦର ମଧ ଇଂରାଜୀ, ଉଚ୍ଚ ବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରତିଷ୍ଠାତା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୂର୍ବତନ ବିଧାୟକ ତଥା ତାଙ୍କ ମଝିଆ ଜ୍ୱାଇଁ ଡ.ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସମେତ ତିନି ପୁଅ, ବୋହୁ, ଝିଅଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ପରିକ୍ରମା କରାଯାଇ କାଇପଦର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବ, ଡ.ପ୍ରକାଶ ଶ୍ରୀଚନ୍ଦନ, ସଞ୍ଜୟ ପଟ୍ଟନାୟକ, ବିଶ୍ୱଭୂଷଣ ଛୋଟରାୟ, ରମାକାନ୍ତ ମହାପାତ୍ର, ପଦ୍ମଚରଣ ରାୟ, ମୃତ୍ୟୁଞ୍ଜୟ ଛୋଟରାୟ, ପ୍ରଦ୍ୟୁମ୍ନ ହରିଚନ୍ଦନ, ଡ.ଦେବେନ୍ଦ୍ର ମାନସିଂହ, ଡ.ଜଗମୋହନ ପଟ୍ଟନାୟକ, ଡ.ଅଶୋକ ରାୟସିଂହ, ତରୁଣକାନ୍ତି ରାୟ ପ୍ରମୁଖ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ସୁରଭି କାର୍ଯ୍ୟକ୍ରମ: ୧୫ କୃତୀ ପ୍ରତିଯୋଗୀ ପୁରସ୍କୃତ

ଝାଁଳା,୨୦।୧୦(ଡି.ଏନ୍.ଏ.): କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜଟଣୀ ବ୍ଲକ ଝାଁଳା ପଞ୍ଚାୟତ ରାଧାଚରଣପୁର ବିଦ୍ୟାଳୟ ଠାରେ ଝାଁଳା ଓ ମଦନପୁର ପଞ୍ଚାୟତର ୯ ସ୍କୁଲର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମୁଖ୍ୟ ଅତିଥିଭାବେ ଜଟଣୀ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା ଯୋଗଦେଇଥିବା ବେଳେ ପ୍ରମୋଦ ରାଉତ, ବାସନ୍ତୀ ମହାପାତ୍ର, ସୁବାସିନୀ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୧୫ କୃତୀ ପ୍ରତିଯୋଗୀ ଛାତ୍ରୀ ଛାତ୍ରଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବେହେରା ପୁରସ୍କୃତ କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ। ପୁଷ୍ପଲତା ପରିଡା, ଝୁମୁରୀ ସାହୁ, ଦିପ୍ତୀ ମିଶ୍ର, ସ୍ୱାଗତିକା ପରିଡା, ଜାମିନୀ ପାଣି, ତ୍ରିନାଥ ଦେହୁରି, ସ୍ୱାଗତିକା ଭୋଇ, ସସ୍ମିତା ମହାଲିକ, ମାଧବ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରେଳଫାଟକ ଭିତରେ ରହିଗଲା କାର,ବାଇକ୍



ନିରାକାରପୁର,୨୦।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ରେଳ ଫାଟକଟି ଟ୍ରେନ୍ ଆସିବା ଯୋଗୁ ପଡିଯିବାରୁ ଏହା ଭିତରେ ଏକ କାର ଓ ବାଇକ୍ ଫସିକ ରହିଯାଇଥିଲା। ଏଭଳି ଦୃଶ୍ୟ ଗୁରୁବାର ଦେଖିବାକୁ ମଳିଛି। ବାଲୁଗାଁ ପଟୁ ଜଟଣୀ ଅଭିମୁଖେ ଏକ ମାଲବାହୀ ଟ୍ରେନ୍ ଯାଉଥିବା ଯୋଗୁ ଉକ୍ତ ରେଳ ଫାଟକଟି ପଡିଥିବା ବେଳେ ରାମେଶ୍ୱର ପଟୁ ପୁରୀ ଅଭିମୁଖେ ଯାଉଥିବା ଏକ କାର ଓ ବାଇକ ସେହି ସମୟରେ ଫାଟକ ଭିତରେ ପଶି ଅନ୍ୟପଟ ଗେଟ ପାଖରେ ହୋଇଯାଇଥିଲେ ମଧ ଜଗୁଆଳି ଜଣଙ୍କ ଗେଟଟି ପକାଇ ଦେଇଥିଲେ। ଫଳରେ କାର ଓ ବାଇକ ଦୁଇଟି ଭିତରେ ରହିଯାଇଥିଲା। ତେବେ ଫାଟକ ଜଗୁଆଳିଙ୍କ ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ବେଆଇନ ବାଣ ପ୍ରସ୍ତୁତି ଉପରେ ଅଙ୍କୁଶ ନାହିଁ

ବେଗୁନିଆ,୨୦।୧୦(ଡି.ଏନ୍.ଏ.)

- ୬ ବର୍ଷରେ ୮ଜଣଙ୍କ ଜୀବନ ଗଲାଣି, ୧୫ ଆହତ
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ଚଳଚଞ୍ଚଳ ଗାଁ ଠୁ ସହର। ଅନ୍ୟପଟେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଓ ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ବେଆଇନ ଭାବେ ବାଣ ପ୍ରସ୍ତୁତି ଚାଲିଛି। ପ୍ରସ୍ତୁତକାରୀ ଏବଂ ବ୍ୟବସାୟୀଙ୍କ ଉପରେ ପ୍ରଶାସନର କଟକଣା ନ ଥିବାରୁ ଗତ ୬ ବର୍ଷ ମଧ୍ୟରେ ୮ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଏକ ସର୍ବେକ୍ଷଣ ରିପୋର୍ଟରୁ ଜଣାପଡିଛି। ଆହତଙ୍କ ମଧ୍ୟରେ ସର୍ବାଧିକ ପିଲାମାନେ ରହିଛନ୍ତି। କେତେକ ଅଘଟଣକୁ ପ୍ରଘଟ କରା ନ ଯାଇ ଚପାଇ ଦିଆଯାଇଛି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

ସୂଚନାଥାଉ କି, ବେଗୁନିଆ ବ୍ଲକ ସିକୋ ଗ୍ରାମସ୍ଥିତ କୁମ୍ଭାରସାହିରେ ୨୦୧୭ ଅଗଷ୍ଟରେ ବାଣ ବିସ୍ଫୋରଣ ଘଟି ଗୋଟିଏ ପରିବାରର ମା, ୩ ଝିଅ ଓ ପଡୋଶୀ ଘରର ଜଣେ ମହିଳାଙ୍କ ସମେତ ୫ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥିସହ ୪ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବିସ୍ଫୋରଣର ପ୍ରକୋପ ଏତେ ଥିଲା ଯେ ମୃତକଙ୍କୁ ଜେସିବି ମାଧ୍ୟମରେ ମାଟି ତଳୁ ଉଦ୍ଧାର କରାଯାଇଥିଲା। ସେହିପରି ୨୦୧୪ ଓ ୨୦୧୬ରେ ପୃଥକ୍ ଭାବେ ଅଘଟଣ ଘଟି ୨ଜଣଙ୍କ ଜୀବନ ଯାଇଛି। ସେହିପରି ଅନେକ ସମୟରେ ବିଭିନ୍ନ ସଭା ସମିତି ଓ ଶୋଭାଯାତ୍ରା ବେଳେ ଅଫୁଟା ବାଣକୁ ଛାଡି ଦିଆଯାଉଛି। ଉକ୍ତ ବାଣକୁ ପିଲାମାନେ ସଂଗ୍ରହ କରି ଅଗ୍ନି ସଂଯୋଗ କରୁଛନ୍ତି। ୨୦୨୦ରେ ସିମୋର ଗାଁର ଜଣେ ଛାତ୍ର ବାଣ ଫୁଟାଇ ଆହତ ହୋଇଥିଲେ। ୨୦୨୧ ନଭେମ୍ବରରେ ମାଣିବନ୍ଧ ଗ୍ରାମର ୩ଜଣ ପିଲା ଅଫୁଟା ବାଣ ଫୁଟାଇ ଗୁରୁତର ହୋଇଥିଲେ। ୨୦୨୨ ମସିହା ଆରମ୍ଭରୁ ଗଁପୁର ଗ୍ରାମର ୪ ପିଲା ଅଫୁଟା ବାଣ ଫୁଟାଇ ଆହତ ହୋଇଥିଲେ। ସେହିପରି ବାଣ ପ୍ରସ୍ତୁତ ସମୟରେ ବିସ୍ଫୋରଣ ଘଟି ୨୦୧୩ ରେ ୮, ୨୦୧୫ ରେ ୪, ୨୦୨୧ରେ ୩ଜଣ ଆହତ ହୋଇଥିଲେ। ବରିଷ୍ଠ ନାଗରିକ ଅକ୍ଷୟ ରଥ, ପ୍ରସନ୍ନ ମହାପାତ୍ର ଏବଂ ସନ୍ତୋଷ ବେହେରା କୁହନ୍ତି, ଲେଖନପୁର, ପଙ୍ଗାରସିଂହ, ସିକୋ, କଣ୍ଟାବାଡ଼ ଆଦି ଗ୍ରାମରେ ଦୀର୍ଘ ବର୍ଷ ହେବ ବିନା ଲାଇସେନ୍ସରେ ବାଣ ପ୍ରସ୍ତୁତ କରାଯାଉଥିବା ନେଇ ବାଘମାରୀ, ଜଙ୍କିଆ ଓ ବେଗୁନିଆ ଥାନାରେ ଅଭିଯୋଗ କରାଯାଇଛି। ସର୍ବସାଧାରଣ ସ୍ଥାନରେ ବାଣ ପ୍ରସ୍ତୁତ ହେଉଥିବାବେଳେ ବିଭିନ୍ନ ସମୟରେ ଅଘଟଣ ଘଟି ବାସଗୃହ ପୋଡ଼ିଯାଇଥିବା ନଜିର ରହିଛି। ବୁଦ୍ଧିଜୀବୀ ଶିବ କୁମାର ମୁନି କୁହନ୍ତି, ବାଣ ପ୍ରସ୍ତୁତକାରୀଙ୍କ ନିକଟରେ ଲାଇସେନ୍ସ କିମ୍ବା ଅଗ୍ନି ନିର୍ବାପକ ଯନ୍ତ୍ର ଅଛିକି ନାହିଁ ଯାଞ୍ଚ କରାଯିବା ଆବଶ୍ୟକ। ଅନ୍ୟପକ୍ଷରେ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କୁହନ୍ତି, ବେଆଇନ ବାଣ ବିକ୍ରି ରୋକିବାକୁ ଟିମ୍ ଗଠନ କରାଯାଇଛି। ଏଥିସହ ବାଣ ପ୍ରସ୍ତୁତ ହେଉଥିବା ସ୍ଥାନରେ ବିଭିନ୍ନ ସମୟରେ ଚଢ଼ାଉ ଜାରି ରହିଛି। ସେହିପରି ବାଘମାରୀ ଥାନାଧିକାରୀ ପ୍ରଜ୍ଞା କର କୁହନ୍ତି, ବେଆଇନ ଭାବେ ବାଣ ପ୍ରସ୍ତୁତ ହେଉଥିବା ଖବର ମିଳିଲେ ଚଢ଼ାଉ କରାଯାଉଛି। ଗତ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬ବସ୍ତା ବାଣ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି।



ଜଟଣୀ: କୁଦିଆରୀସ୍ଥିତ ହରିହର କ୍ଲବ ପରିସରରେ ଜଣେ ଶିଳ୍ପୀ ମା'କାଳୀଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

## କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ




କର୍ମଶାଳାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧା ଅଫିସ,୨୦।୧୦

**କିଶୋରୀ ବାଳିକାଙ୍କ ଜୀବନ ବୃତ୍ତି ପରାମର୍ଶ କର୍ମଶାଳା**

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସମଗ୍ର ଶିକ୍ଷାର ମିଳିତ ଆନୁକୂଲ୍ୟରେ ଜୟୀ ରାଜଗୁରୁ ଭବନ(ଟାଉନ ହଲ) ପରିସରରେ 'କିଶୋରୀ ବାଳିକାଙ୍କ ଜୀବନ ବୃତ୍ତି ପରାମର୍ଶ ତଥା ସ୍ୱପ୍ନ ସାକାର ପାଇଁ ପ୍ରୋତ୍ସାହନ କର୍ମଶାଳା' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ସମ୍ପାଦକ ମଧୁସ୍ମିତା ସାହୁ, ଭିଜିଲାନ୍ସ ଏସ୍ପି ଅନୁପମା ଜେମେସ୍, ଆର୍ଏମ୍ଆର୍ସି ନିର୍ଦ୍ଦେଶିକା ଡା.ସଂଘମିତ୍ରା ପତି, ନାଇଜର ଆସୋସିଏସଟ୍ ପ୍ରଫେସର ଡ.ମଞ୍ଜୁସା ଦୀକ୍ଷିତ, ୟୁଏନଡିପି ରାଜ୍ୟ ମୁଖ୍ୟ ଆବାହ ମିଶ୍ର, ଅଲମ୍ପିୟାଡ ଅନୁରାଧା ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ବାଳିକାମାନଙ୍କୁ ବିଭିନ୍ନ ପ୍ରସଙ୍ଗ ଉପରେ ମାର୍ଗଦର୍ଶନ କରିଥିଲେ। କ୍ୟାରିୟର କିପରି ଗଠନ କରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସ୍ୱପ୍ନ ସାକାର ନ ହେବା ପର୍ଯ୍ୟନ୍ତ ଥକି ନ ପଡି ନିରନ୍ତର ଅଭ୍ୟାସ ଓ ନିଷ୍ଠା ରହିଲେ ସଫଳତା ହାସଲ କରିପାରିବ ବୋଲି କହିଥିଲେ। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡିବ। ଏଥିସହିତ ପିଲାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଅତିଥି ପରିଚୟ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର କ୍ୟାରିୟର କାଉନସିଲିଂ ସମ୍ପର୍କରେ ସୂଚନା ଦେଇଥିଲେ। ଖୋର୍ଦ୍ଧା ଓ ନିକଟ ଉଚ୍ଚ ବିଦ୍ୟାଳୟର ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ସମସ୍ତ ସିଆରସିସି, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ କ୍ରୀଡ଼ା ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

## ଡ୍ୟୁଟିରେ ଥିବାବେଳେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ

ଝାଁଳା,୨୦।୧୦(ଡି.ଏନ୍.ଏ.)

ଇନ୍ଫୋଭ୍ୟାଲି ଥାନା ଅନ୍ତର୍ଗତ ଝାଁଳା ସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଜଣେ ସୁକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ଗଜପତି ଅଞ୍ଚଳର ଜି.ଶଙ୍କର(୪୫)। ସୂଚନା ମୁତାବକ, ଗୁରୁବାର ସକାଳ ୮ଟା ୩୦ରେ କାର୍ଯ୍ୟରେ ଯୋଗ ଦେବା ପରେ କୌଣସି କାରଣରୁ ହଠାତ୍ ତଳେ ପଡ଼ିଯାଇଥିଲେ। ପାଖରେ ଥିବା ଅନ୍ୟ କର୍ମଚାରୀମାନେ ତାଙ୍କୁ ସଙ୍ଗେ ସଙ୍ଗେ ଏମସ୍ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## କନଷ୍ଟେବଲଙ୍କ ଘରୁ ସୁନାଗହଣା, ଟଙ୍କା ଚୋରି

ବେଗୁନିଆ/ବୋଲଗଡ଼, ୨୦।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ବେଗୁନିଆ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ବଢ଼ିଚାଲିଛି। ହେଲେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରୁନି। ବୁଧବାର ରାତିରେ ଦୁର୍ବୃତ୍ତମାନେ ଚମ୍ପାଇଲୋ ଗ୍ରାମର କନଷ୍ଟେବଲ ପ୍ରସନ୍ନ କୁମାର ଚମ୍ପତିରାୟଙ୍କ ଘର ଝରକା ଗ୍ରୀଲ ତାଡ଼ି ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ସହ ଟଙ୍କା ଚୋରି କରିନେଇଥିବା ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ପ୍ରସନ୍ନଙ୍କ ବଡ଼ ପୁଅ ଓ ବୋହୁ ଏକ କାର୍ଯ୍ୟରେ ବାହାରକୁ ଯାଇଥିଲା। ଘରେ କେବଳ ସ୍ତ୍ରୀ ଆଉ ସାନ ପୁଅ ରହିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଝରକା ଗ୍ରୀଲ ତାଡି ଘରେ ପଶିଥିଲେ। ଆଲମିରାରେ ଥିବା ସୁନାଅଳଙ୍କାର ସହ ଟଙ୍କା ନେଇଯାଇଯାଇଛନ୍ତି। ଏନେଇ ପ୍ରସନ୍ନ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୫୧ ବାତ୍ୟାଶ୍ରୟସ୍ଥଳୀ ପ୍ରସ୍ତୁତ

ଖୋର୍ଦ୍ଧା ଅଫିସ,୨୦।୧୦

**ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରଶାସନର ବୈଠକ**

ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ସହ ଉପକୂଳବର୍ତ୍ତି ଅଞ୍ଚଳରେ ପବନ ବହିବାର ସମ୍ଭାବନା ରହିଛି। ଏନେଇ ଗୁରୁବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଟୁଆଲରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ବାତ୍ୟା ପ୍ରଭାବରେ ଉପକୂଳବର୍ତ୍ତି ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ଜିଲା ପ୍ରଶାସନ ସଜାଗ ରହିଛି। ଏଥିପ୍ରତି କେହି ଭୟଭୀତ ନ ହେବାକୁ ଜିଲାପାଳ ଜିଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାର ୫୧ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରହିଛି। ଆବଶ୍ୟକ ପଡିଲେ ବାତ୍ୟାଶ୍ରୟସ୍ଥଳୀ ଏବଂ ସ୍ଥାନୀୟ ସ୍କୁଲଗୃହକୁ ବ୍ୟବହାର କରାଯିବ। ଏଥିନିମନ୍ତେ ଆନୁସଙ୍ଗିକ ଭିତ୍ତିଭୂମି ସଜାଡିବା ପାଇଁ ବିଡିଓ ଏବଂ ତହସିଲଦାରଙ୍କୁ ପରାମର୍ଶ ଦିଆଯାଇଛି। ଶୁଖିଲା ଖାଦ୍ୟ, ପାନୀୟଜଳ, ଔଷଧ, ପଶୁଖାଦ୍ୟ ମହଜୁଦ ରହିଛି। ଅଗ୍ନିଶମ, ବିଦ୍ୟୁତ୍, ଜଳଯୋଗାଣ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ ଏବଂ ପୂର୍ତ୍ତ ବିଭାଗୀୟ ଅଧିକାରୀ ମଧ୍ୟ ପ୍ରସ୍ତୁତ ରହିବେ। ଜରୁରିକାଳୀନ ସେବା ଯେପରି ଅବ୍ୟାହତ ରହିବ, ସେଥିପ୍ରତି ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଜିଲା ଏବଂ ବ୍ଲକସ୍ତରରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବ। ବାତ୍ୟାକୁ ଦୃଷ୍ଟିରେ ରଖି ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଜିଲାପାଳଙ୍କ ବିନା ଅନୁମତି କେହି ଜିଲା ଛାଡିପାରିବେ ନାହିଁ। ଆସନ୍ନ ପ୍ରସବାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବ। ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଡାକବାଜୀ ଯନ୍ତ୍ରରେ ଲୋକଙ୍କୁ ସଚେତନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ମନୋଜ କୁମାର ପାଢୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍.କେ ମୁର୍ମୁ, ଜରୁରିକାଳୀନ ଅଧିକାରୀ ଉର୍ମିପ୍ରଭା ମହାରଣା, ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୃଷ୍ଣପ୍ରସାଦ,୨୦।୧୦(ଡି.ଏନ୍.ଏ.)

ପୁରୀ ଜିଲା ସାମାଜିକ ସୁରକ୍ଷା ବିଭାଗ ସହଯୋଗ ଏବଂ ବ୍ଲକ ପ୍ରଶାସନର ସହାୟତାରେ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ବାଘମୁଣ୍ଡା ନୁଆଗାଁ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପିରିଜିପୁର ସରପଞ୍ଚ ମଳୟ କୁମାର ଜେନା ଉଦ୍‌ଘାଟନ କରିଥିଲେ। ୧୫୨ଜଣ ଶିବିରରେ ଅଂଶଗ୍ରହଣ କରିଥିଲେ। ଉପଜିଲାପାଳ ଭବତାରଣ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ଜିଲାପରିଷଦ ସଭ୍ୟ ସନ୍ଦିପ ଜେନା, ସାତପଡା ସରପଞ୍ଚ ରଶ୍ମିତା ସାମନ୍ତରାୟ, ଗମ୍ଭାରୀ ସରପଞ୍ଚ ସୁଶାନ୍ତ ପରିଡା, ଗୋପୀନାଥପୁର ସରପଞ୍ଚ ସରୋଜ ଲେଙ୍କା, ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ବ୍ଲକ ସମ୍ପ୍ରସାରଣ ଅଧିକାରୀ ରଶ୍ମି ରଞ୍ଜନ ସାହୁ, ଏପିଓ ଅଭିନ୍ନ କୁମାର ପଲାଇ, ମହେନ୍ଦ୍ର ସାହୁ, ସୌଭାଗ୍ୟ କୁମାର ବଳିୟାରସିଂହ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ପାତ୍ର, ପୋଗ୍ରାମ ଅଫିସର ସନ୍ମୟ ଭୂଷଣ ପରିଡା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ୧୧୫ ଜଣଙ୍କୁ ସହାୟକ ଉପକରଣ



ବୋଲଗଡ଼,୨୦।୧୦(ଡି.ଏନ୍.ଏ.)

ବୋଲଗଡ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ଗୁରୁବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୨୭ଜଣ ଦିବ୍ୟାଙ୍ଗ ଯୋଗଦେଇଥିଲେ। ବିଡିଓ ଧୋବେଇ ଚରଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବରରେ ଅତିଥିଭାବେ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉପଯୁକ୍ତ ସହାୟତା ଯୋଗାଇବାରେ ସହଯୋଗ କରିଥିଲେ। ୧୧୫ଜଣ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ରତିକାନ୍ତ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକଙ୍କ ସମେତ ବହୁ ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକର ୧୯ ପଞ୍ଚାୟତର ଜନପ୍ରତିନିଧି ଓ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ପଞ୍ଜୀକରଣ ଏବଂ ଡାକ୍ତରଙ୍କ ପରାମର୍ଶ କରାଇବାରେ ସହାୟତା କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବୋଲଗଡ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ, ୯ ଗାଡ଼ି ଜବତ

ବେଗୁନିଆ,୨୦।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ବଢ଼ିଚାଲିଛି। ମାଙ୍କଡା ପଥର, ମୋରମ, କଳା ମୁଗୁନି ପଥର ଆଦି ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ବିଶେଷକରି ନୟାଗଡ଼ ଜିଲା କଣ୍ଟିଲୋ ଓ କଟକ ଜିଲା ବୈଦ୍ୟେଶ୍ୱର ଦେଇ ଯାଇଥିବା ମହାନଦୀ ଘାଟରୁ ଦୈନିକ ଶହ ଶହ ଟ୍ରିପ ବାଲି ବୋଝେଇ ଟ୍ରକ ବେଗୁନିଆ ଦେଇ ଆନ୍ଧ୍ର ପ୍ରଦେଶକୁ ଚୋରା ଚାଲାଣ ହେଉଛି। ଅଭିଯୋଗ ପରେ ଚୋରା ଚାଲାଣ ରୋକିବା ପାଇଁ ବେଗୁନିଆ ତହସିଲ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଥିଲା। ଗତ ଦୁଇଦିନ ମଧ୍ୟରେ ୨ଟି ମାଙ୍କଡା ପଥର ବୋଝେଇ ଟ୍ରକ, ୩ ମିନି ଟ୍ରକ, ଏକ ପାୱାର ଟ୍ରିଲର ଜବତ କରାଯାଇଛି। ସେହିପରି ଗୁରୁବାର ସ୍ଥାନୀୟ ପରିଛଳ ବଜାର ନିକଟରୁ ୩ଟି କଳା ମୁଗୁନି ପଥର ବୋଝେଇ ଟ୍ରକ ଜବତ କରାଯାଇଛି।

## ଫୁଟ୍‌ବଲ ବଣ୍ଟନ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୨୦।୧୦(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ଫୁଟ୍‌ବଲ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବୈକଣ୍ଠ ନାଥ ନାୟକଙ୍କ ସଭାପତିତ୍ୱରେ କ୍ରୀଡ଼ା ଶିକ୍ଷକ ପଦ୍ମ ଚରଣ ଜେନାଙ୍କ ପରିଚାଳନାକ୍ରମେ କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ଫୁଟ୍‌ବଲ ପ୍ରଦାନ କରାଯାଇଥିଲା। ହେମନ୍ତ କୁମାର ଜେନା, ଆଡପାକାଲା ରମେଶ, ନିକୁଞ୍ଜ ବିଶ୍ୱାଳ, ଅନୁଭବ ମିଶ୍ର, ବିଦ୍ୟାଳୟ ଆଲୁମିନି କମିଟି ସଭାପତି ପ୍ରମୋଦ କୁମାର ପରିଡା, ଜିତେନ୍ଦ୍ର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟ ସଭାପତି ଦୁର୍ଗା ଚରଣ ସ୍ୱାଇଁ, ଶିକ୍ଷୟିତ୍ରୀ କଲ୍ୟାଣୀ ଷଡ଼ଙ୍ଗୀ, ଜ୍ୟୋତିକ୍ରିଷ୍ଣା ପଣ୍ଡା ପ୍ରମୁଖ ଏହି ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଫୁଟବଲ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

ନିରାକାରପୁର,୨୦।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନୂଆଗଡ ପଞ୍ଚାୟତ ହରିପୁରସ୍ଥିତ ଉଗ୍ରତାରା ନୋଡାଲ ହାଇସ୍କୁଲରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦ଟି ସ୍କୁଲର ୯୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୭ଟି ଇଭେଣ୍ଟ ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାର ମନୋନୀତ ପ୍ରଥମ ପ୍ରତିଯୋଗୀଙ୍କୁ ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ପାଇଁ ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜ କିଶୋର ପରିଡା ପୌରୋହିତ୍ୟ କରିଥିବା ବେଳେ ଦେବାନନ୍ଦ ବେହେରା ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ରଘୁନାଥ ମାଝି, ପରିଚାଳନା କମିଟି ସଭାପତି ଅଜୟ ଛୋଟରାୟ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ସିଆରସିସି ପ୍ରଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ଅଚ୍ୟୁତପୁର କ୍ଲଷ୍ଟର ସ୍ତରୀୟ ସୁରଭି ମହୋତ୍ସବ ସରକାରୀ ପ୍ରାଥମିକ ବିଦ୍ୟାଳୟ ନାଳସିଂହରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ କାମାଗୁରୁ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦେବରାଜ ଚହଟରାୟ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ପ୍ରକୃତିବନ୍ଧୁ ପୁରସ୍କୃତ ଶିକ୍ଷାବିତ୍ ବ୍ରଜବନ୍ଧୁ କର ମୁଖ୍ୟ ଅତିଥି, ଡ. ଭୋବନୀ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଲଳିତାପୋଟପୁର କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲେଣ୍ଡୋଠାରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଟାଙ୍ଗୀ ବ୍ଲକ୍ ଶିକ୍ଷକ ସଂଘର ସଭାପତି କିଶୋର କୁମାର ଦାଶ, ସମ୍ପାଦକ ଅମ୍ଳାନ ପ୍ରହରାଜ ପ୍ରମୁଖ ଅତିଥିଭାବେ ଯୋଗଦେଇଥିବା ବେଳେ ଅମର କୁମାର ଜୟସିଂହ, ପ୍ରସନ୍ନ କୁମାର ପଣ୍ଡିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ଜଗତପୁରରେ ଆନନ୍ଦାଳୟ ଉଦ୍‌ଘାଟିତ**

କଟକ ଅଫିସ: କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଜଗତ୍‌ପୁରଠାରେ ଆନନ୍ଦାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସହରକୁ ଭିକାରି ମୁକ୍ତ କରିବା ପାଇଁ ସିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ସହରର ବିଭିନ୍ନ ସ୍ଥାନରେ ଥିବା ଭିକାରୀମାନଙ୍କୁ ଆନନ୍ଦାଳୟରେ ଥଇଥାନ କରାଯାଉଛି। ପୂର୍ବରୁ ଦୁଇଟି ଆନନ୍ଦାଳୟ ଉଦ୍‌ଘାଟନ ହୋଇଛି। ତେବେ ଜଗତପୁରସ୍ଥିତ ଆନନ୍ଦାଳୟରେ ୧୦୦ ବେଡ୍ ରହିଛି। ଏବେ ସେଠାରେ ୩୮ ଜଣ ମହିଳା ଓ ୧୧ ଜଣ ଶିଶୁଙ୍କୁ ରଖାଯାଇଛି।

## ସଂକ୍ଷେପରେ

### ସିରିଜ୍ ଚୋରି ଘଟଣା, ୨ ଗିରଫ

**କଟକ ଅଫିସ,୨୦।୧୦:** ସିରିଜ୍ ଚୋରି ଘଟଣାରେ ସିଡିଏ ଫେଜ-୨ ଥାନା ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ଅଲିଶାବଜାର ଗୋପାଳସାହିର ସଞ୍ଜୟ ସାହୁ ଓ ଗୋପାଳଜୀଉ ଲେନ୍ ମଠସାହିର ବିଶାଳ ନାୟକ। ସେମାନଙ୍କଠାରୁ ଚୋରି କାର (ଓଡ଼ି୦୨ଏଜି-୭୯୮୦), ସ୍କୁଟି (ଓଡ଼ି୦୫ଏଜେଡ-୫୩୭୩), ଏକ କଫି ମେଶିନ, ମାଇକ୍ରୋ ଓଭେନ, ଗ୍ୟାସ୍ ସିଲିଣ୍ଡର, ୨ଟି ସାଇକେଲ ଓ ଗୋଟିଏ ମୋବାଇଲ ଜବତ ହୋଇଛି। ଗତ ୯ ଓ ୧୦ ତାରିଖ ବିଳମ୍ବିତ ରାତିରେ ସେକ୍ଟର-୧୦ ଅଞ୍ଚଳରେ ସିରିଜ ଚୋରି ହୋଇଥିଲା। ଅଭିଯୁକ୍ତମାନେ କ୍ରିଷ୍ଣା ଦ୍ୱିପାୟନ ପଟ୍ଟନାୟକ, ଡ଼ ଗୌରୀଶଙ୍କର ସାହୁ, ମୋହନ ଚରଣ ଜେନା, ଡ. ପ୍ରଶାନ୍ତ କୁମାର ପରିଡାଙ୍କ ଘରେ ପଶି ଚୋରି କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୧୦/୨୨) ରୁଜୁ କରିଥିଲା।

### ଚୋରି ଅଭିଯୋଗରେ ୩ ମହିଳା ଗିରଫ

**ଫୁଲନଖରା,୨୦।୧୦(ଡି.ଏନ୍.ଏ.):** ଚୋରି ଅଭିଯୋଗରେ କଟକ ସଦର ପୋଲିସ ୩ ଜଣ ମହିଳାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ରେଳଷ୍ଟେଶନ ପଛ ବସ୍ତିର କଂସବତୀ ମୋଦି, ରାଇଧାନୀ ମୋଦି ଓ ଗାୟତ୍ରୀ ଶୋବର। ସେମାନଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଓ ୨୧୦୦ ଟଙ୍କା ଜବତ କରାଯାଇଛି। ସେମାନେ କଟକ ସଦର ଥାନା ଅଞ୍ଚଳରେ ରହି ଚୋରି କରୁଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଖଣ୍ଡାୟତ ସାହିର ଶୁଭମ ଜେନା ଘରେ ମୋବାଇଲ ଫୋନ୍ ଚାର୍ଜ ବସାଇଥିଲେ। ସକାଳୁ ତାଙ୍କ ମୋବାଇଲ ଚୋରି ହୋଇଯାଇଥିଲା। ସେହିପରି ଉକ୍ତ ଗ୍ରାମର ପଦ୍ମନାଭ ପାତ୍ରଙ୍କ ଘରୁ ୨୨୦୦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୪୬୬/୨୨) ରୁଜୁ କରିଥିଲା।

### ଶୁକପାଇକା ନଦୀ ମୁହାଣ ବୁଲି ଦେଖିଲେ ଏମ୍‌ପି

**କଟକ ସଦର,୨୦।୧୦(ଡି.ଏନ୍.ଏ.):** କଟକ ଏମ୍‌ପି ଭର୍ତ୍ତୃହରି ମହତାବ ବୁଧବାର କଟକ ସଦର ବ୍ଲକ ଅନ୍ତର୍ଗତ ଆୟତପୁରଠାରେ ପହଞ୍ଚି ଶୁକପାଇକା ନଦୀ ମୁହାଣ ବୁଲି ଦେଖିଥିଲେ। ଏହି ନଦୀ ମୁହାଣ ଖୋଲିବା ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଅନୁମତି ଦେଇସାରିଛନ୍ତି। ୧୯୫୧ରୁ ଏହି ନଦୀର ମୁହାଣକୁ ବନ୍ଦ କରି ବୋଷ କେନାଲ ଖୋଲା ଯାଇଥିଲା। ୭୧ ବର୍ଷ ପରେ ସରକାର ଏହାର ମୁହାଣ ଖୋଲି ଚିରସ୍ରୋତା କରିବା ପାଇଁ ଉଦ୍ୟମ କରୁଛନ୍ତି। ଏହି ନଦୀ ମୁହାଣ ଖୋଲା ହେଲେ କାହାର ଯେପରି କ୍ଷତି ନ ଘଟେ ସେଥିପ୍ରତି ଦୃଷ୍ଟି ଦିଆଯିବା ଦରକାର ବୋଲି ଏମ୍‌ପି କହିଥିଲେ। ଶୁକପାଇକା ନଦୀରେ ବର୍ଷ ତମାମ ପାଣି ଯାଇପାରିବ କି ନାହିଁ ବୋଲି ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଏମ୍‌ପି ମହତାବଙ୍କୁ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ, ମହାନଦୀରେ ପାଣି ଥିବାବେଳେ ଦେଖି କହିପାରିବି। ଏହି ପରିଦର୍ଶନବେଳେ କଟକ ସଦର ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ପଣ୍ଡା ଉପସ୍ଥିତ ଥିଲେ।

### ବାତ୍ୟା ମୁକାବିଲା ପାଇଁ ସିଏମ୍‌ସି ପ୍ରସ୍ତୁତ

**କଟକ ଅଫିସ, ୨୦।୧୦:** ସମ୍ଭାବ୍ୟ ବାତ୍ୟା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପ୍ରସ୍ତୁତି ଆରମ୍ଭ କରିଦେଇଛି। ଯଦି ବାତ୍ୟା ହୁଏ, ତେବେ ସେହି ସମୟରେ କଟକରେ ପ୍ରବଳ ବର୍ଷା କାରଣରୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବା ସମ୍ଭାବନା ରହିଛି। ଏଥିପାଇଁ କଟକର ମୁଖ୍ୟ ଜଳ ପ୍ରବାହ ସେଣ୍ଟର ଉପରେ ନଜର ରଖାଯାଇଛି । ସତର୍କତା ଅନୁଯାୟୀ ଉଚ୍ଚସ୍ତରୀୟ ବୈଠକ ଶେଷ ହୋଇଛି। ସହରର ୩ଟି ଜଳ ନିଷ୍କାସନ କେନ୍ଦ୍ରକୁ ତଦାରଖ କରାଯାଇଛି। ୩ରୁ ଊର୍ଦ୍ଧ୍ୱ ଭଲ୍‌ବୋ ପମ୍ପ ପ୍ରସ୍ତୁତ ରଖାଯାଇଛି। ଏତଦ୍‌ବ୍ୟତୀତ ୨୫୦ ମଟର ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ମେୟର ସୁବାସ ସିଂ କହିଛନ୍ତି, ବାତ୍ୟା ମୁକାବିଲା ପାଇଁ ସିଏମ୍‌ସି ପ୍ରସ୍ତୁତ ରହିଛି। ଯେପରି କୌଣସି ବିପଦ ନ ଉପୁଜେ ସେଥିପାଇଁ ସତର୍କ ରହି କାର୍ଯ୍ୟ କରୁଛୁ। ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗ ସହ ଯୋଗାଯୋଗରେ ରହିଛୁ। ବାତ୍ୟା ନେଇ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି ବୋଲି ସେ କହିଛନ୍ତି।

# ୧୫ ମିନିଟ୍‌ରେ ତିଆରି ହେବ ୧୦ ହଜାର ଡଙ୍ଗା

**ବାଲିଯାତ୍ରା ପ୍ରସ୍ତୁତି ବୈଠକ**

- ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇବାକୁ ସିଏମ୍‌ସିର ପ୍ରସ୍ତୁତି
- ରାସ୍ତାପାର୍ଶ୍ୱରେ ବୋଇତ ଡିଜାଇନର ସ୍ୱାଗତ ତୋରଣ ନିର୍ମାଣ ହେବ
- ଉଠାଦୋକାନୀଙ୍କୁ ୮ ଦିନ ପାଇଁ ୧୫୦ ଟଙ୍କା

**କଟକ ଅଫିସ, ୨୦।୧୦**



ବୈଠକରେ ଉପସ୍ଥିତ ବିଧାୟକ, ଜିଲାପାଳ, ସିଏମ୍‌ସି ମେୟର, ଡେପୁଟି ମେୟର ଓ କମିଶନର।

ଚଳିତବର୍ଷ ବାଲିଯାତ୍ରାରେ ୧୫ ମିନିଟ୍‌ରେ ୧୦ ହଜାର ଡଙ୍ଗା ତିଆରି କରି ଗିନିଜ ବୁକ୍ ଅଫ୍ ୱାଲ୍ଡ ରେକର୍ଡ୍ସରେ ସ୍ଥାନ ପାଇବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଲକ୍ଷ୍ୟ ରଖିଛି। ଏହି ଡଙ୍ଗା ତିଆରି ପାଇଁ ସିଏମ୍‌ସି ପକ୍ଷରୁ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ସାମାଜିକ ସଙ୍ଗଠନର କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯିବ। କମ୍ ଲୋକଙ୍କୁ ନେଇ ୧୦ ହଜାର ଡଙ୍ଗା ତିଆରି କରାଯାଇପାରିଲେ ଗିନିଜ ବୁକ୍ ଅଫ୍ ୱାଲ୍ଡ ରେକର୍ଡ୍ସରେ ସିଏମ୍‌ସି ସ୍ଥାନ ପାଇପାରିବ। ଏହାକୁ ଅନୁଧ୍ୟାନ କରିବା ପାଇଁ ଲଣ୍ଡନରୁ ଗିନିଜ୍ ୱାର୍ଲ୍ଡ ରେକର୍ଡର ପଦାଧିକାରୀମାନେ ବାଲିଯାତ୍ରାକୁ ଆସିବେ। ସେହିପରି ଉଠାଦୋକାନୀଙ୍କ ନିମନ୍ତେ ୮ ଦିନ ପାଇଁ ୧୫୦ ଟଙ୍କା ସିଏମ୍‌ସି ଆଦାୟ କରିବ। ବାଲିଯାତ୍ରାକୁ ଭିକାରିମୁକ୍ତ, ପ୍ରଦୂଷଣମୁକ୍ତ ଓ ପଲିଥିନ୍ ମୁକ୍ତ କରିବା ସହିତ ଆକର୍ଷଣୀୟ କରାଯିବ। ମହାନଦୀ ଜଳରାଶିରେ ଲେଜର ଲାଇଟ୍ ଶୋ' ସାଙ୍ଗକୁ ୨୦ଟି ପାର୍କିଂସ୍ଥାନ ଓ ସ୍ୱାଗତ ତୋରଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ଏନେଇ ନେଇ ଗୁରୁବାର ସିଏମ୍‌ସି ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏଥିରେ ଯୋଗଦେଇ କହିଥିଲେ, ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ, ସରସ ସୁନ୍ଦର କରିବାକୁ ପ୍ରଶାସନ ପଦକ୍ଷେପ ନେଇଛି। ବିଶେଷକରି ସ୍ୱଚ୍ଛତା ରକ୍ଷା ସହିତ ଦଲାଲି ବନ୍ଦ ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ। ସେହିପରି ବାଲିଯାତ୍ରାର ଐତିହ୍ୟକୁ ପ୍ରଦର୍ଶନ କରିବା ପାଇଁ ସହର ଦେଇ ଯାଇଥିବା ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ସିଏମ୍‌ସି ପକ୍ଷରୁ ବୋଇତ ଡିଜାଇନର ସ୍ୱାଗତ ତୋରଣ ନିର୍ମାଣ କରାଯିବ। ଚଳିତବର୍ଷ ସିଏମ୍‌ସି ବାଲିଯାତ୍ରାରେ ୬ କୋଟି ଟଙ୍କା ବ୍ୟୟ କରିବ ବୋଲି ଯୋଜନା ପ୍ରସ୍ତୁତ କରିଛି। ଉକ୍ତ ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ କହିଛନ୍ତି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଯୋଗ ଦେଇଥିଲେ ।

### ପ୍ଲଟ୍ ଦର ବୃଦ୍ଧି ନେଇ ହୋହଲ୍ଲା

ବାଲିଯାତ୍ରା ପ୍ଲଟ୍ ଦର ବୃଦ୍ଧି ଓ ନିଲାମ ପ୍ରକ୍ରିୟା ପାଇଁ ଜିଲା ପ୍ରଶାସନ ନେଇଥିବା ନିଷ୍ପତ୍ତିକୁ ବିଜେଡି କର୍ପୋରେଟରମାନେ ବିରୋଧ କରି ହୋହଲ୍ଲା କରିଥିଲେ। ପୂର୍ବରୁ ସ୍କୋୟାର ଫୁଟ୍ ପିଛା ୨୭ ଟଙ୍କା ନିଆଯାଉଥିଲାବେଳେ ହଠାତ୍ ଜିଏସ୍‌ଟି ମିଶାଇ ମୂଲ୍ୟ ୫୦ ଟଙ୍କା କରାଯିବା ଗ୍ରହଣଯୋଗ୍ୟ ନୁହେଁ ବୋଲି ସେମାନେ କହିଥିଲେ। ବାଲିଯାତ୍ରାର ବ୍ୟବସାୟୀକରଣ କରାଯାଇଥିବା ନେଇ ଅଭିଯୋଗ କରିବା ସହ ବିନା ଆଲୋଚନାରେ ଏଭଳି ନିଷ୍ପତ୍ତି କିପରି ନିଆଗଲା ବୋଲି ସମସ୍ତ କର୍ପୋରେଟର ପ୍ରଶ୍ନ ଉଠାଇଥିଲେ। ପ୍ଲଟ୍ ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା ପାଇଁ ସେମାନେ ଜିଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ବିଧାୟକ ମୋକିମ, କର୍ପୋରେଟର ସନ୍ତୋଷ ଭୋଳ, ବିକାଶ ରଞ୍ଜନ ବେହେରା କହିଛନ୍ତି, ମୂଲ୍ୟବୃଦ୍ଧି ଓ ଦଲାଲି ଦ୍ୱାରା ବ୍ୟବସାୟୀ କ୍ଷତିଗ୍ରସ୍ତ ହେଉଛନ୍ତି।

### ପ୍ଲାଷ୍ଟିକ୍ ବୋତଲ ଫେରାଇଲେ ମିଳିବ ୫ ଟଙ୍କା

କୌଣସି ବ୍ୟକ୍ତି ପାଣି ବୋତଲ ବ୍ୟବହାର କରି ଫେରାଇଲେ ସିଏମ୍‌ସି ପକ୍ଷରୁ ତାଙ୍କୁ ବୋତଲ ପିଛା ୫ଟଙ୍କା ଦିଆଯିବ। ଏଥିପାଇଁ ବାଲିଯାତ୍ରା ପଡ଼ିଆର ବିଭିନ୍ନ ସ୍ଥାନରେ କେନ୍ଦ୍ର ଖୋଲାଯିବ। ଏହାଦ୍ୱାରା ପଡ଼ିଆରେ ପ୍ଲାଷ୍ଟିକ୍ ବୋତଲ ପଡ଼ିବ ନାହିଁ ବୋଲି ମେୟର କହିଥିଲେ।

### ଡ୍ରିମ୍‌ସ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରେ କର୍ମଶାଳା

**କଟକ ଅଫିସ, ୨୦।୧୦**

ଆନ୍ତର୍ଜାତିକ ପାଚକ ଦିବସ (ଇଣ୍ଟରନ୍ୟାଶନାଲ ଚିଫ ଡେ) ଡ୍ରିମ୍‌ସ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ହୋଟେଲ ଶିଳ୍ପରେ ନିୟୋଜିତ ବୃତ୍ତିଧାରୀଙ୍କୁ ପ୍ରୋତ୍ସାହନ, ଫ୍ରୁଟସ୍ ଓ ଭେଜିଟେବୁଲ କାର୍ଭିଂ କର୍ମଶାଳା, ସୁଷମ ଖାଦ୍ୟ ପ୍ରସ୍ତୁତି, ଭୋଜନ ପ୍ରଣାଳୀ, ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଥିଲେ, ଆଧୁନିକ ଜୀବନଶୈଳୀରେ ଖାଦ୍ୟ ରୁଚିର ପରିବର୍ତ୍ତନ ଘଟିଛି। ଅନୁରୂପ ଭାବେ ହୋଟେଲ ଶିଳ୍ପର ଅଭିବୃଦ୍ଧି ମଧ୍ୟ ହେଉଛି। ଏହା ଦ୍ୱାରା ହୋଟେଲ ମ୍ୟାନେଜମେଣ୍ଟ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୋଇଛି। ଏଥିରେ ରେଜିଷ୍ଟ୍ରାର ଡ. କଲ୍ୟାଣ କୁମାର ସାହୁ, ସଚିବ ପ୍ରାଣବନ୍ଧୁ ନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଅଧ୍ୟକ୍ଷ ବିକାଶ କୃଷ୍ଣ ଦାସ, ପ୍ରାଧ୍ୟାପକ ଆୟୁଷ ଜେନା, ଉତ୍କଳ କେଶରୀ ଜେନା, ସ୍ମୃତିରଞ୍ଜନ ସେନାପତି, ସଫରୋଜ୍ କ୍ୱାଦ୍ରୀ, ପ୍ରିୟଙ୍କା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଅର୍ଚ୍ଚନା ପଣ୍ଡା, ମହାଶ୍ୱେତା ନନ୍ଦ, ଶୁଭଶ୍ରୀ ତ୍ରିପାଠୀ, ସଂଘମିତ୍ରା ଦାଶ, ସମୀମ୍ ଖାନ୍, ସୁଭଦ୍ରା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ଚାନ୍ଦିନୀଚୌକ୍ ପୂଜା ମଣ୍ଡପରେ ଜଣେ ଶିଳ୍ପୀ ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମାରେ ରଙ୍ଗତୂଳୀରେ ଶେଷ ସ୍ପର୍ଶ ଦେଉଛନ୍ତି।

### ଚୋରା ଶାଗୁଆନ ପଟା ଜବତ, ୨ଗିରଫ

**ଚୌଦ୍ୱାର,୨୦।୧୦(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଆଗ୍ରାହାଟ ନିକଟରୁ ଗୁରୁବାର ଚୌଦ୍ୱାର ବନ ବିଭାଗ ପକ୍ଷରୁଶାଗୁଆନପଟା ବୋଝେଇ ଏକଟାଟା ଏସିଇ ଗାଡ଼ିକୁ ଜବତ କରାଯାଇଛି। ଏହି ଘଟଣାରେ ଡ୍ରାଇଭର ମହିସାଲଣ୍ଡା ଗ୍ରାମର ମିଞ୍ଜନ ବେହେରା ଓ ବାବୁଲି ମହାନ୍ତିଙ୍କୁ ଗିରଫ କରାଯାଇଛି। ଉକ୍ତ ଗାଡ଼ିରେ ଚୋରା ଶାଗୁଆନ ପଟା ବୋଝେଇ ହୋଇ ମହିସାଲଣ୍ଡା ଅଞ୍ଚଳରୁ ଚୌଦ୍ୱାର ଅଭିମୁଖେ ଯାଉଥିଲା। ଖବରପାଇ ଚୌଦ୍ୱାର ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତି ସଦଳବଳ ଆଗ୍ରାହାଟ ନିକଟରେ ଚଢ଼ାଉ କରି ଉକ୍ତ ଗାଡିକୁ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ସେଥିରେ ୨୧ ସିଏଫ୍‌ଟି ଶାଗୁଆନ କାଠପଟା ଥିବା ଦେଖିବାକୁ ମିଳିଥିଲା।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ମଙ୍ଗୁଳି,୨୦।୧୦(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନପଙ୍ଗ ପଞ୍ଚାୟତ ଓ ହରିଅନ୍ତା ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଙ୍ଗଠକ କରୁଣାକର ଦାସଙ୍କ ନେତୃତ୍ୱରେ ୧୪ଟି ଗ୍ରାମର ଶତାଧିକ କର୍ମୀ ନପଙ୍ଗ ପଞ୍ଚାୟତର ମୁଖ୍ୟ ପ୍ରବେଶ ପଥ ବିରୂପା ବ୍ରିଜ୍‌ଠାରେ ଏକତ୍ରିତ ହୋଇଥିଲେ। ପୂର୍ବାହ୍ନ ୧୦ଟାରେ ବିଧାୟକ ପ୍ରଶାନ୍ତ ବେହେରା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କର୍ମୀମାନେ ବିରୂପା ବ୍ରିଜଠାରୁ ପଦଯାତ୍ରାରେ ବାହାରି ସାଇଁଟୋ, ବନିକା, ହାଟ ଶିଶୁଆ, କେଶରପୁର, ପଳସା, ନାରପଡା, ସାନକୋଷ୍ଟି, ବଡ଼କୋଷ୍ଟି, ଇଟୁଆ, ବ୍ରାହ୍ମଣପଡା ଅଞ୍ଚଳ ବୁଲି ଲୋକଙ୍କ ଭଲମନ୍ଦ ବୁଝିଥିଲେ। ରାଜ୍ୟ ସରକାରଙ୍କ ଜନ ହିତକର ଯୋଜନା କିପରି ଫଳପ୍ରଦ ହେଉଛି ଲୋକଙ୍କଠାରୁ ପଚାରି ବୁଝିବା ସହ ସେମାନଙ୍କ ସମସ୍ୟାକୁ ଘଟଣାସ୍ଥଳରେ ସମାଧାନ କରିଥିଲେ। ସେହିପରି ହରିଅନ୍ତା ପଞ୍ଚାୟତ ସଭାପତି ନରେନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ସରପଞ୍ଚ ଶୁଭସ୍ମିତା ମଲ୍ଲିକ, ସମିତି ସଭ୍ୟ ସୁମନ୍ତ ଜେନାଙ୍କ ସମେତ ଶତାଧିକ କର୍ମୀ ପଦଯାତ୍ରାରେ ତନ୍ତିରା, ବାହୁଡା, ତୀରଣପଦା, ଚାଟିଲୋ, ବ୍ରହ୍ମଣଭୋଗ, ସର୍ଦ୍ଦଳା, ତରତ ଅଞ୍ଚଳ ବୁଲି ହରିଅନ୍ତା ଗ୍ରାମରେ ପହଞ୍ଚିଥିଲେ। ଏହି ପଦଯାତ୍ରାରେ ଜୟଶ୍ରୀ ପ୍ରଧାନ, ଜନ୍ମେଜୟ ଖିଲାର, କନ୍ହେଇପୁରର ପୂର୍ବତନ ସମିତିସଭ୍ୟ ରାଜେଶ ରଞ୍ଜନ ଷଡଙ୍ଗୀ, ବିଜେଡି ବ୍ଲକ ସଭାପତି ତାପସ ସାହୁ, ରଞ୍ଜୁଲତା ରାଉତରାୟ, ଅଂଶୁମାନ ମହାନ୍ତି, ଚିତ୍ତରଞ୍ଜନ ସାମଲ, ରବୀନ୍ଦ୍ର ମହାପାତ୍ର, ଯୁବ ବିଜେଡି ଜିଲା ସଭାପତି ଚିତ୍ତରଞ୍ଜନ ସାହୁପ୍ରମୁଖ ସାମିଲ ଥିଲେ। ବିଜେଡିନେତା ଧୀରେନ୍ଦ୍ର ଜେଠୀ ଧନ୍ୟବାଦ ଦେଇଥିଲେ।



ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ବିଧାୟକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ।

**ଦୀପାବଳି ପାଇଁ ଗାଇଡ୍‌ଲାଇନ୍**

# ରାତି ୮ରୁ ୧୦ ଫୁଟିବ ବାଣ

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ)**

ଦୁଇବର୍ଷର କରୋନା କଟକଣା ପରେ ଚଳିତ ବର୍ଷ ଆଲୋକର ପର୍ବ ଦୀପାବଳୀକୁ ସହରବାସୀ ବଡ଼ ଧୁମ୍‌ଧାମ୍‌ର ସହ ପାଳନ କରିବାକୁ ଚାହିଁ ବସିଛନ୍ତି। ଏଥର ବାଣ ଫୁଟାଇବାକୁଅନୁମତିଥିବାରୁଆତସବାଜିରେ ପ୍ରକମ୍ପିତ ହେବ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର। ତେବେ ଦୀପାବଳୀକୁ ସୁରକ୍ଷିତ ତଥା ଶୃଙ୍ଖଳିତ ଭାବେ ପାଳନ କରିବାକୁ କମିଶନରେଟ ପୋଲିସ ପ୍ରସ୍ତୁତ ରହିଥିବାବେଳେ ବାଣ ବିକ୍ରି ଓ ଫୁଟାଇବା ପାଇଁ ଗୁରୁବାର ୧୯ଟି ଗାଇଡ୍‌ଲାଇନ୍ ଜାରି କରିଛି। ବାଣ ବିକ୍ରି କରୁଥିବା ଦୋକାନୀ ଓ ଲୋକମାନେ ନିୟମ ମାନିବାକୁ ପୋଲିସ ପକ୍ଷରୁ କୁହାଯାଇଛି। ଦୀପାବଳୀର ରାତି ୮ଟାରୁ ୧୦ଟା ମଧ୍ୟରେ ବାଣ ଫୁଟାଇବାକୁ ନିର୍ଦ୍ଦେଶ ରହିଛି। ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ ଏବଂ କୋର୍ଟ ଆଦି ନିଷିଦ୍ଧାଞ୍ଚଳରେ ବାଣ ଫୁଟାଇବାକୁ ବାରଣ କରାଯାଇଛି। ବାଣ ଦୋକାନଗୁଡ଼ିକ ପରସ୍ପରଠାରୁ ଅତି କମ୍‌ରେ ତିନି ମିଟର ଦୂରତା ପାଳନ କରିବେ। ଦୋକାନଗୁଡ଼ିକ ପରସ୍ପରର ସମ୍ମୁଖୀନ ନ ହେବା ସହ ଦୋକାନର ଚଟାଣ କ୍ଷେତ୍ର ୧୦-୧୨ବର୍ଗ ମଧ୍ୟରେ ସୀମିତ ରହିବ। ଦୋକାନଠାରୁ ୫୦ ମିଟର ମଧ୍ୟରେ ବାଣ ଫୁଟାଯାଇ ପାରିବ ନାହିଁ। ତେଲରେ ଜଳୁଥିବା ଦୀପ, ଗ୍ୟାସ୍ ଲ୍ୟାମ୍ପ, ମହମବତୀ କିମ୍ବା ଖୋଲା ଆଲୋକ ବ୍ୟବହାର କରାଯିବ ନାହିଁ। ଗୋଟିଏ କ୍ଲଷ୍ଟରରେ ୫୦ରୁ ଅଧିକ ଦୋକାନକୁ ଅନୁମତି ଦିଆଯିବ ନାହିଁ। ଦୋକାନଗୁଡ଼ିକରେ ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ର, ସୁବିଧା ଆଦି ବ୍ୟବସ୍ଥା ରଖାଯିବ। ଦୋକାନୀମାନେ କମ୍ ପ୍ରଦୂଷିତ ହେଉଥିବା ସବୁଜ ବାଣଗୁଡିକ ବିକ୍ରି କରିପାରିବେ। ଲୋକମାନେ ଲାଇସେନ୍ସପ୍ରାପ୍ତ ଦୋକାନରୁ ବାଣ କିଣିବେ। ବାଣଗୁଡ଼ିକ ୧୨୫ ଡେସିବିଲ୍ ଶବ୍ଦ ମଧ୍ୟରେ ରହିବ। ଦୋକାନୀମାନେ ବିଦେଶୀ ବାଣ ବିକ୍ରି କରିପାରିବେ ନାହିଁ। ଅନ୍‌ଲାଇନ୍ ବାଣ ବିକ୍ରିକୁ ବାରଣ କରାଯାଇଛି। ଏସବୁ ନିୟମକୁ ଉଲ୍ଲଂଘନ କଲେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଜଗତପୁରରେ ହେବ ମାର୍କେଟ୍ କମ୍ପ୍ଲେକ୍ସ

**କଟକ ଅଫିସ, ୨୦।୧୦**

**୨ ୱାର୍ଡ ପରିଦର୍ଶନ କଲେ ମେୟର, କମିଶନର**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଜଗତପୁର ଗୋଲେଇ ଛକ ନିକଟରେ ବିସ୍ଥାପିତ ଦୋକାନୀଙ୍କ ପାଇଁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏଥିସହ ତ୍ରିନାଥସାହି ନିକଟରେ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି ଆରମ୍ଭ କରିଛି ସିଏମ୍‌ସି। ଏନେଇ ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପୱନ କଲ୍ୟାଣ ଗୁରୁବାର ୪୮ ଓ ୪୯ ନମ୍ବର ୱାର୍ଡ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନବେଳେ ବିଧାୟକ ସୌଭିକ୍ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ ଓ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

ଜଗତପୁର ଗୋଲେଇ ଛକ ନିକଟରୁ ଇପିକଲ ଛକ ପର୍ଯ୍ୟନ୍ତ ଡ୍ରେନେଜ୍ ଓ ସ୍ୱେରେଜ୍ ବ୍ୟବସ୍ଥା ନାହିଁ। ଫଳରେ ଏହି ଅଞ୍ଚଳରେ ବାସ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉନ୍ତି ବୋଲି ମେୟର ଓ କମିଶନର ଜାଣିବାକୁ ପାଇଥିଲେ। ସେଥିପାଇଁ ୯୦ କୋଟି ଟଙ୍କା ବ୍ୟୟରେ ଏକ ସ୍ୱେରେଜ୍ ଓ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ମାଧପୋଖରୀ ସହ ଅନ୍ୟ ଦୁଇଟି ପୋଖରୀର ଉନ୍ନତୀକରଣ ପ୍ରକ୍ରିୟା ବିଳମ୍ବ ହେଉଛି। ଦୁଇଟି ପୋଖରୀର ପୁନରୁଦ୍ଧାର ପାଇଁ ୨୦୧୯ରେ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁ ନଥିବାରୁ କମିଶନର ବିରକ୍ତି ପ୍ରକାଶ କରିଥିଲେ। ଉକ୍ତ ସଂସ୍ଥା କାର୍ଯ୍ୟ ବନ୍ଦ କରିବା ସହ ଲାଇସେନ୍ସ ରଦ୍ଦ କରିବାକୁ କମିଶନ କହିଛନ୍ତି। ୩ କୋଟି ଟଙ୍କା ବ୍ୟୟରେ ଉକ୍ତ ପୋଖରୀଗୁଡିକର ପୁନରୁଦ୍ଧାର ଓ ଉନ୍ନତୀକରଣ କାର୍ଯ୍ୟ କରାଯିବ । ଏନେଇ ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ ବୋଲି ବିଧାୟକ ବିଶ୍ୱାଳ କହିଛନ୍ତି। ସେହିପରି ତ୍ରିନାଥସାହି ନିକଟ ୧୭ ଗୁଣ୍ଠ ପରିମିତ ଜମିରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ସହ ୧ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟରେ ନାନକାର ଗ୍ରାମ ମୁଖ୍ୟ ରାସ୍ତା ନବୀକରଣ କରାଯିବ। ଉକ୍ତ ଦୁଇଟି ୱାର୍ଡରେ ହେବାକୁ ଥିବା ଉପରୋକ୍ତ ପ୍ରକଳ୍ପଗୁଡିକ ପାଇଁ ୯୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବ ବୋଲି ଆକଳନ କରାଯାଇଛି।

# ୨୪ରେ କାଳୀପୂଜା, ୨୮ରେ ଭସାଣି



ବୈଠକରେ ଯୋଗଦେଇଥିବା ବିଭିନ୍ନ ପୂଜା କମିଟିର ମୁରବିମାନେ।

**କମିଶନରେଟ୍ ପୋଲିସର କାଳୀପୂଜା ପ୍ରସ୍ତୁତି ବୈଠକ**

**କଟକ ଅଫିସ,୨୦।୧୦**

କଟକ ସହରରେ ଆସନ୍ତା ୨୪ରେ କାଳୀପୂଜା ଓ ୨୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କଟକ ସହିଦ ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସହରର ପ୍ରାୟ ୭୧ଟି ମଣ୍ଡପରେ କାଳୀପୂଜା ହେବ। ପୂଜା କମିଟି ସଦସ୍ୟମାନେ ନିର୍ଦ୍ଧାରିତ ସମୟରେ ନିଜ ଅଞ୍ଚଳର ଥାନାରେ ପଞ୍ଜୀକୃତ କରାଇ ଲାଇସେନ୍ସ ନେବା ପାଇଁ କୁହାଯାଇଛି। ଦୁର୍ଗାପୂଜା ଭଳି ସମାନ କଟକଣା କାଳୀପୂଜା ଓ ଭସାଣି ପାଇଁ ରହିବ। ଡିଜେ ବାଜିବ ନାହିଁ, ୬ଟି ସାଉଣ୍ଡ ବକ୍ସ ବାଜିବ, ରାତି ୧୦ଟାରେ ମେଲୋଡ଼ି ବନ୍ଦ ଆଦି କଟକଣା ଉପରେ ବୈଠକରେ ସୂଚନା ଦିଆଯାଇଛି। ରାତି ୧୨ଟା ପର୍ଯ୍ୟନ୍ତ ମେଲୋଡି ଓ ସାଉଣ୍ଡ ବକ୍ସ ବଜାଇବା ପାଇଁ ଅନୁମତି ଦେବାକୁ ପୂଜା କମିଟି କର୍ମକର୍ତ୍ତାମାନେ ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଜଣାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଦୁର୍ଗାପୂଜା ଭସାଣିରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ମେଢ଼ଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୃଙ୍ଖଳା ପାଇଁ ଚାଉଳିଆଗଞ୍ଜ, ରାଣୀହାଟ, ମଙ୍ଗଳାବାଗ, ସାମାଜିକ ବାର୍ତ୍ତା ପ୍ରସାରରେ ଖାନ୍‌ନଗର, ନୂଆବଜାର ଓ ମହିଳା ଦଳ ଭଜନ ପରିବେଷଣ ହେତୁ ଫିରିଙ୍ଗିବଜାର କମିଟିକୁ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ଡିସିପି ପିନାକ ମିଶ୍ର, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁଙ୍କ ସମେତ ସୁରେଶ ମହାପାତ୍ର, ଅମରେନ୍ଦ୍ର ମହାନ୍ତି ମଞ୍ଚାସୀନ ଥିଲେ। ଏଥିରେ ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୦।୧୦।୨୦୨୨

| | |
|---|---|
| ୩,୮୨,୭୦୭ ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

# ଆଦର୍ଶ ଗୁରୁକୁଳ ନିର୍ମାଣ ପାଇଁ ବ୍ଲୁ ପ୍ରିଣ୍ଟ

- ୩୧ରେ ଶ୍ରୀମନ୍ଦିର ପ୍ରଶାସନକୁ ଦେଖାଇବେ ଡିଜାଇନ
- ସୂର୍ଯ୍ୟୋପରାଗ ନୀତିକାନ୍ତି ପାଇଁ ସେବାୟତଙ୍କ ସହ ଆଲୋଚନା

**ପୁରୀ ଅଫିସ,୧୯।୧୦**

ଆଦର୍ଶ ଗୁରୁକୁଳ ନିର୍ମାଣ ପ୍ରକ୍ରିୟା ଆଉ ପାଦେ ଆଗେଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବିର୍ଲା ଫାଉଣ୍ଡେଶନର ୭ଜଣ ଅଧିକାରୀ ଓ ଶ୍ରୀମନ୍ଦିର ଅଧିକାରୀଙ୍କ ମଧ୍ୟରେ ବୈଠକ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ବିର୍ଲା ଫାଉଣ୍ଡେଶନର ବୈଷୟିକ ଅଧିକାରୀମାନେ ଏକ ଗୁରୁକୁଳ ନିର୍ମାଣ ନେଇ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ବୈଠକରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଛନ୍ତି। ସମ୍ପୃକ୍ତ ମ୍ୟାପିଂ ତଥା ବ୍ଲୁପ୍ରିଣ୍ଟକୁ ଆସନ୍ତା ୩୧ ତାରିଖରେ ଶ୍ରୀମନ୍ଦିର ପ୍ରଶାସନକୁ ଦେଖାଇବେ। ଆଦର୍ଶ ଗୁରୁକୁଳରେ କେଉଁ ସ୍ଥାନରେ କେଉଁ ନିର୍ମାଣ କରାଯିବା ଓ କିଭଳି ଭାବେ ଏହା କାର୍ଯ୍ୟକ୍ଷମ ହେବ ତାହାର ଏକ ଡିଜିଟାଲ୍ ନକ୍ସା ବିର୍ଲା ଫାଉଣ୍ଡେଶନର ଆର୍କିଟେକଚରମାନେ ପ୍ରସ୍ତୁତ କରିଛନ୍ତି। ତାହାକୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଉପସ୍ଥାପିତ କରାଯିବ। ଉଲ୍ଲେଖଯୋଗ୍ୟ, ଆଦର୍ଶ ଗୁରୁକୁଳ ନିର୍ମାଣ ପାଇଁ ସୋସାଇଟି ରେଜିଷ୍ଟ୍ରେଶନ ଶେଷ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ଡିଜାଇନ ଦେଖିବା ପରେ ରାଜିନାମା ସ୍ୱାକ୍ଷର କରିବ। ଅନ୍ୟପକ୍ଷେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ୨୫ତାରିଖରେ ହେବାକୁ ଥିବା ସୂର୍ଯ୍ୟପରାଗ ନୀତିକାନ୍ତିକୁ ନେଇ ମଧ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଛି। ୨୪ ତାରିଖ ରାତ୍ରରେ ପହୁଡ଼ ହେବା ପରେ ମହାପ୍ରଭୁଙ୍କର ନୀତିକାନ୍ତି ତୁରନ୍ତ ଆରମ୍ଭ କରିଦିଆଯିବ। ଏନେଇ ସେବାୟତମାନଙ୍କ ସହ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଆଲୋଚନା କରିଛନ୍ତି। ସୂର୍ଯ୍ୟପରାଗରେ କିଭଳି ଭାବେ ସମୟ ମଧ୍ୟରେ ମହାପ୍ରଭୁଙ୍କ ନୀତିକାନ୍ତି ସରିବ ସେନେଇ ଗୁରୁତ୍ୱ ଦେବା ପାଇଁ ଆଲୋଚନା ହୋଇଛି। ସେହିଭଳି ସୂର୍ଯ୍ୟପରାଗ ନୀତିକାନ୍ତିକୁ ସେବାୟତମାନେ ଶୃଙ୍ଖଳିତ ଭାବେ କରିବା ନେଇ ଜଣାଇଛନ୍ତି।

## 'ଓଡ଼ିଶା ମୋ ପରିବାର' ପକ୍ଷରୁ ହବିଷିଆଳିଙ୍କୁ କମ୍ବଳ ବଣ୍ଟନ



**ପୁରୀ ଅଫିସ, ୨୦।୧୦**

'ଓଡ଼ିଶା ମୋ ପରିବାର' ପକ୍ଷରୁ ଗୁରୁବାର ପୁରୀରେ ହବିଷିଆଳିମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବୃନ୍ଦାବତୀ ନିବାସଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ଯୋଗଦେଇଥିଲେ। ଅତିଥିମାନେ ହବିଷିଆଳି ମା'ମାନଙ୍କୁ କମ୍ବଳ ବଣ୍ଟନ କରିବା ସହ ସେମାନଙ୍କ ସହ କଥା ହୋଇଥିଲେ। ରହିବା, ବୃନ୍ଦାବତୀ ପୂଜା, ଠାକୁର ଦର୍ଶନ ଓ ମହାପ୍ରସାଦ ସେବନ କରିବା ସହ ଭଜନ, ପ୍ରବଚନ ଶୁଣିବାର ସୁବ୍ୟବସ୍ଥା ହୋଇଛି ବୋଲି ହବିଷିଆଳିମାନେ କହିବା ସହିତ ହୁଳହୁଳି ଧ୍ୱନିରେ ଆଶୀର୍ବାଦ କରିଥିଲେ। ମୋ ପରିବାର ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆ ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ଫୁଟବଲ ବିତରଣ

**ସାକ୍ଷୀଗୋପାଳ,୨୦।୧୦ (ଡି.ଏନ.ଏ/ସ୍ୱ.ପ୍ର.):** ସତ୍ୟବାଦୀ ବ୍ଲକର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଛାତ୍ରୀଛାତ୍ରଙ୍କୁ ଫୁଟବଲ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଆଲୁମନି କମିଟି ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର, ଜୟପୁର ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ ଓ ନାଏବ ସରପଞ୍ଚ ଲୋନୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସୁଚିତ୍ର ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ନୂଆସୋମେଶ୍ୱରପୁର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ଫୁଟବଲ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ରାଣୀ ପଟ୍ଟନାୟକ, ପରିଚାଳନା କମିଟି ସଭାପତି ସୁରରାଜ ମିଶ୍ର, ସିଆରସିସି କୁନିମଣି ଦେଈ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକ ଲକ୍ଷ୍ମୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗାଦିବ୍ରହ୍ମ ମଠାଧୀଶଙ୍କ ଦ୍ୱାଦଶରେ ୨୮ ସଂକୀର୍ତ୍ତନ ଦଳ ସାମିଲ

**କଣାସ,୨୦।୧୦(ସ୍ୱ.ପ୍ର.):** ବେନୁପଡା ଗ୍ରାମରେ ପ୍ରତିଷ୍ଠିତ ଗାଦିବ୍ରହ୍ମ ମଠ ମଠାଧୀଶ ମହନ୍ତ ଶ୍ରୀଶ୍ରୀ ଦାଶରଥି ଦାସ ମହାରାଜାଙ୍କର ଗତ ୮ତାରିଖ ଦିନ ମହାପରାୟଣ ହୋଇଥିଲା। ପରମ୍ପରା ଅନୁଯାୟୀ ବୁଧବାର ଦ୍ୱାଦଶ ଦିବସରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ସଂକୀର୍ତ୍ତନରେ ବିଭିନ୍ନ ଗାଁର ୨୮ଟି ସଂକୀର୍ତ୍ତନ ମଣ୍ଡଳ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ନୂତନ ମଠାଧୀଶ ଶିରିଶି ଦାସ ମହାରାଜାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିଲା।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଡେଲାଙ୍ଗ, ୨୦।୧୦(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ଓ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ଶିବିରକୁ କରିଥିଲେ। ବ୍ଲକ ଉପାଧକ୍ଷ ଦୁର୍ବାଶା ନିଶଙ୍କ ଶିବିରର ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ଅତିରିକ୍ତ ବିଡିଓ ପ୍ରଦୀପ୍ତ କୁମାର ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତପନ ଚନ୍ଦ୍ର ଦାସ, ସାମାଜିକ ସୁରକ୍ଷା ସହାୟିକା ସୁଜାତା ଭୂଜବଳ ଉପସ୍ଥିତ ଥିଲେ। ୫୧୨ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସନ୍ତୋଷ କୁମାର ସାହୁ, ଡା. ଧର୍ମରାଜ, ଡା. ରବୀନ୍ଦ୍ର କୁମାର ଘଡ଼ାଇ, ଡା. ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ଡା. ସାଇପ୍ରସାଦ ରାୟ ଏବଂ ଡା. ଅପର୍ଣ୍ଣା ମହାନ୍ତି ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତନ୍ମଧ୍ୟରୁ ୨୯୧ ଅସ୍ଥିଶଲ୍ୟ, ୮୧ ମାନସିକ ଅଗ୍ରସର, ୮୮ ଶ୍ରବଣ ବାଧିତ, ୫୨ ଦୃଷ୍ଟିବାଧିତ ବ୍ୟକ୍ତି ରହିଥିବା ସୂଚନା ମିଳିଛି। ଶାନ୍ତା ମେମୋରିଆଲ ଓ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ସହଯୋଗରେ ୪୬ ଜଣ ଭିନ୍ନକ୍ଷମଙ୍କୁ ଚିତ୍ତରଞ୍ଜନ ପରିଡା ଏବଂ ପ୍ରଦୀପ୍ତ କୁମାର ଦାସ କୋଭିଡ ଟିକା ପ୍ରଦାନ କରିଥିଲେ।

### ସୁରେନ୍ଦ୍ର ସାଏ, ନେତାଜୀ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ପୁରୀ ଅଫିସ, ୨୦।୧୦:** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ପାଳନ ପାଇଁ ଗୁରୁବାର ବିଶ୍ୱମ୍ଭର ବିଦ୍ୟାପୀଠ ପୁରାତନ କ୍ରୀଡ଼ା ଛାତ୍ର ସଂସଦ ଏବଂ ପୁରୀ ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠ କ୍ରୀଡ଼ାଙ୍ଗନରେ ଆୟୋଜିତ ଏହି ବୈଠକରେ ନେତାଜୀ ଜୟନ୍ତୀ କମିଟିର ସମ୍ପାଦକ ବିମଳ କୁମାର ପାତ୍ର ଅଧକ୍ଷତା କରିଥିଲେ। ଦୀପକ ପାତ୍ର ଓ ସୁପ୍ରିୟା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଜାନୁୟାରୀ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାକାଳୀନ କବାଡ଼ି ପ୍ରତିଯୋଗିତା ଆୟୋଜନ ଲାଗି ଜିଲା ପ୍ରଶାସନକୁ ଅନୁରୋଧ କରାଯିବା ନେଇ ଆଲୋଚନା ହୋଇଥିଲା।



କେଦାରନାଥ ଅଭିମୁଖେ ଯାତ୍ରା କରିଥିବା ମାଲଖମ୍ବ ଆସୋସିଏଶନ୍ ଅଫ୍ ଓଡ଼ିଶାର ଖେଳାଳିମାନେ।

## ୨୦ ଖେଳାଳିଙ୍କ କେଦାରନାଥ ଯାତ୍ରା

**ପୁରୀ ଅଫିସ, ୨୦।୧୦**

ମାଲଖମ୍ବ ଆସୋସିଏଶନ୍ ଅଫ ଓଡ଼ିଶା ତରଫରୁ ଜ୍ଞାନ ରଞ୍ଜନଙ୍କ ନେତୃତ୍ୱରେ ୨୦ ଜଣ ଖେଳାଳି ଗୁରୁବାର କେଦାରନାଥ ଅଭିମୁଖେ ଯାତ୍ରା କରିଛନ୍ତି। କେଦାରନାଥଠାରେ ପୁରୀର ପ୍ରସିଦ୍ଧ ଓ ଦୁଇହଜାର ବର୍ଷ ତଳର ପୌରାଣିକ ସମର ବା ଲୋକକଳା 'ମାଲଖମ୍ବ' ପ୍ରଦର୍ଶନ କରିବେ। ଏଥିସହ ଓଡ଼ିଶା କ୍ରୀଡ଼ା ବିଭାଗ, ପୁରୀ ଜିଲା ପ୍ରଶାସନ ଏବଂ ହକି ପୁରୁଷ ବିଶ୍ୱକପ୍-୨୦୨୩ର ସ୍ୱାଗତ ସହ ସୁନ୍ଦର କାର୍ଯ୍ୟକ୍ରମ ପାଇଁ ପତାକା ଉଡ଼ାଯିବ। ଏହାଦ୍ୱାରା ମାଲଖମ୍ବର ପ୍ରଚାର ପ୍ରସାର ହୋଇପାରିବ ବୋଲି ଜ୍ଞାନ ରଞ୍ଜନ କହିଛନ୍ତି।

## ୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

**ନିମାପଡ଼ା,୨୦।୧୦(ଡି.ଏନ୍.ଏ.)**



ପୁରୀ ଜିଲା ସଦର ରେଞ୍ଜ ଅବକାରୀ ବିଭାଗ ଜଣେ ଚୋରା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ତୁଳସୀପୁର ଗ୍ରାମର ଶେଖ୍ ଆଜିଜୁଲ୍(୩୪)। ତାଙ୍କଠାରୁ ୭୦ ଗ୍ରାମ୍ ଚୋରା ବ୍ରାଉନସୁଗାର ଅବକାରୀ ବିଭାଗ ଜବତ କରିଛି। ଏନେଇ ପୁରୀ ସଦର ରେଞ୍ଜ ଅବକାରୀ ବିଭାଗ ପକ୍ଷରୁ ଦଫା ୨୧(ବି) ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୫୫/୨୨) ରୁଜୁ କରାଯାଇ ତଦନ୍ତ ଚାଲିଛି। ବ୍ରାଉନସୁଗାରର ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ଅଧୀନ ନିମାପଡ଼ା ଗୋଲେଇ ଛକ, ଖେଦିରପୁର ଛକ, ସାଇଲୋ, ଆମ୍ପୋରୋ, ଚାରିଛକ, ତୁଳସୀପୁର ଆଦି ଅଞ୍ଚଳରେ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ପୁରୀ ଜିଲା ଅବକାରୀ ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଜିଲା ସଦର ରେଞ୍ଜ ଇନ୍ସପେକ୍ଟର ମାନସୀ ସାହୁ, ଉପନିରୀକ୍ଷକ ବିନୋଦ ବାସ୍କେ, ଏଏସ୍ଆଇ ମାନସ ମିଶ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, ସଞ୍ଜୀବ ହସ୍ତୀ, ଏସ୍‌କେ ୱାରିସ୍, ପ୍ରବୀଣ ବିରାଜ କିରୋ, ଅଭିଜିତ୍ ପ୍ରଧାନ, ଆଶିଷ ପ୍ରଧାନ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ। ମାନସୀ ସାହୁଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିବାବେଳେ ସେ ଏହି ମାମଲାର ତଦନ୍ତ କରୁଛନ୍ତି।

## ଟିପିସିଓଡିଏଲ୍ ନୀତିକୁ ବାର୍ ଆସୋସିଏଶନ୍‌ର ବିରୋଧ

**ପୁରୀ ଅଫିସ, ୨୦।୧୦**

ପୁରୀ ସହରରେ ବିଦ୍ୟୁତ ସେବା ଯୋଗାଣକାରୀ ସଂସ୍ଥା ଟିପିସିଓଡିଏଲର ନୀତିକୁ ପୁରୀ ଜିଲା ବାର୍ ଆସୋସିଏଶନ ବିରୋଧ କରିଛି। ଏନେଇ ଆସୋସିଏଶନ୍‌ର ଏକ ପ୍ରତିନିଧି ଦଳ ପୁରୀସ୍ଥିତ ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଛନ୍ତି। ମନମୁଖି ଭାବେ ବିଦ୍ୟୁତ ମିଟର ବଦଳାଇବା, ଲକ୍ଷାଧିକ ଟଙ୍କା ଜରିମାନା କରିବା ଓ ବକେୟା ଟଙ୍କା ଏକକାଳୀନ ଭାବେ ଶୁଝିବାକୁ ଉପଭୋକ୍ତାଙ୍କୁ ବାଧ କରାଯିବା ସାଧାରଣ ଲୋକଙ୍କ ଉପରେ ଏକପ୍ରକାର ଅତ୍ୟାଚାର ବୋଲି ବାର୍ ଆସୋସିଏଶନ୍ କହିଛି। ଅନ୍ୟ ପକ୍ଷରେ ବାର୍ ଆସୋସିଏଶନ୍ ସହ ଏ ସମ୍ପର୍କରେ ଆଲୋଚନା ପାଇଁ ଟିପିସିଓଡିଏଲର ଅଧିକାରୀ ସମୟ ମାଗିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ଓକିଲମାନଙ୍କ ସହ ବୈଠକ କରି ଅସୁବିଧା ସମ୍ପର୍କରେ ଆଲୋଚନା କରାଯିବ ବୋଲି ଟିପିସିଓଡିଏଲ କର୍ତ୍ତୃପକ୍ଷ କହିଛନ୍ତି।

୨୦୧୩ରେ ଫେଡ୍‌କୋ ପୁରୀ ଆସି ବିଦ୍ୟୁତ୍ ବିଲ୍ ଆଦାୟ ସମେତ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ କରିବା ପରେ ପୁରୀ କୋର୍ଟରେ ଏ ନେଇ ଏକ ମାମଲା (ନଂ. ୪୦୦/୨୦୧୩) ରୁଜୁ ହୋଇଥିଲା। ମାମଲାରେ ଉଭୟ ଫେଡ୍‌କୋ ଓ ସେସୁକୁ ପକ୍ଷଭୁକ୍ତ କରାଯାଇଥିଲା। ଏହାର ଏକ ଅନ୍ତରୀଣ ଶୁଣାଣିରେ କୋର୍ଟ ଫେଡ୍‌କୋଠାରୁ ବିଦ୍ୟୁତ୍ ବିଲ୍ ଆଦାୟ ଓ ବିଦ୍ୟୁତ୍ ସଂଯୋଗୀକରଣ ଭଳି କ୍ଷମତା କାଢ଼ି ନେଇଥିଲେ। ତେବେ ଏହି ମାମଲାର ସମ୍ପୂର୍ଣ୍ଣ ଶୁଣାଣି ହେବା ପୂର୍ବରୁ ଟିପିସିଓଡିଏଲ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ ନେଲା। ଏଣୁ ପୁରୀ ବାର୍ ଆସୋସିଏଶନ୍ ସଂପୃକ୍ତ ମାମଲାରେ ଟିପିସିଓଡିଏଲ୍‌କୁ ମଧ୍ୟ ପକ୍ଷ କରିବାକୁ ଚାହୁଁଥିବା ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି। ସେହିପରି ସମସ୍ତ ଆଇନଜୀବୀ ନିଜ ଘର ସାମ୍ନାରେ ନେମ୍‌ପ୍ଲେଟ୍ ଲଗାଇବେ, ଯାହାଫଳରେ କମ୍ପାନୀ ବେଆଇନ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ କରିବ ନାହିଁ ବୋଲି ଆସୋସିଏଶନ୍ ସ୍ଥିର କରିଛି। ପୁରୀ ସହରରେ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଟିପିସିଓଡିଏଲ୍‌ର ଏକଚାଟିଆ ଆଭିମୁଖ୍ୟକୁ ସାଧାରଣରେ ବିରୋଧ କରାଯାଉଛି। ସାଧାରଣ ଲୋକେ ଏନେଇ ଅନେକ ଥର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସମାଧାନର ରାସ୍ତା ବାହାରିପାରିନାହିଁ। କିଛିଦିନ ତଳେ ପୁରୀ-କୋଣାର୍କ ରାସ୍ତାର ଏକ ଘରୋଇ ହୋଟେଲ ସମ୍ମୁଖରେ ଥିବା ୫ରୁ ଊର୍ଦ୍ଧ୍ୱ ଦୋକାନର ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲା। ଦୋକାନୀମାନେ ଅଭିଯୋଗ କରିଥିଲେ ଯେ, ସେମାନଙ୍କୁ କମ୍ପାନୀ ପକ୍ଷରୁ ଠିକ ଭାବେ ସୂଚନା ଦିଆ ନ ଯାଇ ନୋଟିସ୍ ଆସିଥିଲା।



ପୁରୀ ଜିଲା ବାର୍ ଆସୋସିଏଶନ ପକ୍ଷରୁ ଦାବିପତ୍ର ଦିଆଯାଉଛି।

## ଅଙ୍ଗନୱାଡ଼ି ସହାୟିକା ନିଯୁକ୍ତି ସ୍ଥଗିତ

**୨ ଆବେଦନକାରୀଙ୍କ ମଧ୍ୟରେ ଗଣ୍ଡଗୋଳ**

**କଣାସ,୨୦।୧୦(ସ୍ୱ.ପ୍ର)**

କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ପଞ୍ଚାୟତର ରକ୍ତପଟା ଗ୍ରାମରେ ବୁଧବାର ଅଙ୍ଗନୱାଡ଼ି ସହାୟିକା ନିଯୁକ୍ତି ଚୟନ ସଭା ହୋଇଥିଲା। ହେଲେ ସହାୟିକା ନିଯୁକ୍ତି ପାଇଁ ଦରଖାସ୍ତ କରିଥିବା ଦୁଇ ମହିଳାଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଉତ୍ତେଜନା ପରିସ୍ଥିତି ହେବାରୁ ସଭାରେ ଯୋଗଦେଇଥିବା ସିଡିପିଓ ସ୍ମିତା ମହାନ୍ତି ଅଙ୍ଗନୱାଡ଼ି ସହାୟିକା ନିଯୁକ୍ତିକୁ ସ୍ଥଗିତ ରଖିଛନ୍ତି। ଖବର ଅନୁଯାୟୀ, ଉକ୍ତ ଗ୍ରାମର ସସ୍ମିତା ବାରିକ ଓ ସୀତା ପଟ୍ଟନାୟକ ଅଙ୍ଗନୱାଡ଼ି ନିଯୁକ୍ତି ପାଇଁ ଦରଖାସ୍ତ କରିଥିଲେ। ସରକାର ନିୟମ ଅନୁଯାୟୀ ଜଣେ ବିଧବା ମହିଳାଙ୍କୁ ଯେତିକି ଅଗ୍ରାଧିକାର ଦିଆଯିବାର ବ୍ୟବସ୍ଥା ରହିଛି, ସେହିଭଳି ଯାହାକୁ ଅଧିକ ସମର୍ଥନ ମିଳିବ, ସେ ମଧ୍ୟ ନିଯୁକ୍ତି ପାଇବାର ବ୍ୟବସ୍ଥା ରହିଛି। ଏହାକୁ ନେଇ ଉକ୍ତ ୨ ମହିଳାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ସମ୍ପର୍କରେ ସିଡିପିଓ ସ୍ମିତା ମହାନ୍ତି କୁହନ୍ତି, ଦୁଇଜଣଙ୍କ ମଧ୍ୟରେ ନିଯୁକ୍ତି ସଭାରେ ଉଚ୍ଚବାଚ ହେବାରୁ ନିଯୁକ୍ତିକୁ ସ୍ଥଗିତ ରଖାଯାଇଛି। ଘଟଣା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦିଆଯିବ, ପରେ ସେହି ନିର୍ଦ୍ଦେଶ ଅନୁଯାୟୀ ନିଷ୍ପତ୍ତି ନିଆଯିବ।

## ଚଳିତ ବର୍ଷର ବିଭିନ୍ନ ପ୍ରସ୍ତାବ ଅନୁମୋଦିତ

**ଜନ ଶିକ୍ଷଣ ସଂସ୍ଥାନର ପରିଚାଳନା ପରିଷଦ ବୈଠକ**

**ପୁରୀ ଅଫିସ, ୨୦।୧୦**

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜନ ଶିକ୍ଷଣ ସଂସ୍ଥାନ ପୁରୀର ପରିଚାଳନା ପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ଅଧକ୍ଷ କସ୍ତୁରୀ ଚରଣ ଚମ୍ପତି ଅଧକ୍ଷତା କରିଥିଲେ। ଏହି ବୈଠକରେ ମୋଟ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୧ ଜଣ ସଦସ୍ୟ ଉପସ୍ଥିତ ଥିଲେ। ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ଜ୍ଞାନ ବିକାଶ ଗଜେନ୍ଦ୍ର ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଚଳିତ ବର୍ଷର କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ସେହିପରି ପାଠ୍ୟକ୍ରମ ଓ ତାଲିମ ଅବଧି, ଆୟବ୍ୟୟ ବରାଦ, କର୍ମଚାରୀ ସଂଖ୍ୟା ଓ ବିଭିନ୍ନ କ୍ଷେତ୍ରରେ ହେବାକୁ ଥିବା ବ୍ୟୟ ବରାଦର ଆକଳନ ମୂଲ୍ୟ ସଭାରେ ଉପସ୍ଥାପନ କରିଥିଲେ। ଲିଖିତ ପ୍ରସ୍ତାବଗୁଡ଼ିକ ଉପରେ ଜିଲା ସହକାରୀ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି, ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ସାଧାରଣ ପରିଚାଳକ ହେମନ୍ତ କୁମାର ନାୟକ, ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ କିଶୋର କୁମାର ଆଚାର୍ଯ୍ୟ, ଓର୍‌ମାସ୍‌ର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଦାଶ, କଣାସସ୍ଥିତ ଏମ୍‌ବିଡି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ପ୍ରମୁଖ ଆଲୋଚନା କରିଥିଲେ। ଚଳିତ ବର୍ଷର ପ୍ରସ୍ତାବ ଅନୁମୋଦନ କରାଯାଇଥିଲା। ପ୍ରସନ୍ନ କୁମାର ସେଠୀ, ପ୍ରଭାତ ରଞ୍ଜନ ପ୍ରଧାନ, ବିଜୟଲକ୍ଷ୍ମୀ ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ଉପାଧକ୍ଷ ସୁଧାଂଶୁ ମୋହନ ମହାରଥା ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ହବିଷିଆଳି ଗୁରୁତର

**ବଡ଼ଦାଣ୍ଡରେ ସ୍ୱତନ୍ତ୍ର ଚଲାପଥ କରିଡର ନିର୍ମାଣ ପାଇଁ ଦାବି**

**ପୁରୀ ଅଫିସ,୨୦।୧୦**

ବଡ଼ଦାଣ୍ଡରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ହବିଷିଆଳି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସାବିତ୍ରୀ ବଳିୟାରସିଂ(୬୦)। ସେ ସକାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଯାଉଥିବାବେଳେ ମରିଚିକୋଟ ଛକଠାରେ ଏକ ବାଇକ କ୍ଷିପ୍ର ବେଗରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସାବିତ୍ରୀଙ୍କର ଦୁଇଟି ଯାକ ଗୋଡ଼ରେ ଗୁରୁତର କ୍ଷତ ହୋଇଥିବାବେଳେ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ତାଙ୍କ ଗୋଡ଼ରୁ ପ୍ରଚୁର ରକ୍ତସ୍ରାବ ହୋଇଥିବାରୁ ସେ ଅଚେତ ହୋଇପଡ଼ିଥିଲେ। ଏହାପରେ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ଏବେ ଶଲ୍ୟ ବିଭାଗରେ ଚିକିତ୍ସାଧୀନ ଅଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବାଇକ ଚାଳକ କ୍ଷିପ୍ର ବେଗରେ ପଛପଟୁ ଆସି ତାଙ୍କୁ ଧକ୍କା ଦେଇଥିଲେ। ସେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଓ ମୁହଁରେ ମଧ୍ୟ କ୍ଷତ ହୋଇଛି। ଉଲ୍ଲେଖଯୋଗ୍ୟ, ସାବିତ୍ରୀ ଏକ ଘରୋଇ ଧର୍ମଶାଳାରେ ରହି ହବିଷ ବ୍ରତ ପାଳନ କରୁଛନ୍ତି। ତେବେ ସମ୍ପ୍ରତି ପବିତ୍ର କାର୍ତ୍ତିକ ମାସରେ ବଡ଼ଦାଣ୍ଡ ଅଧିକ ଗହଳଚହଳ ରହୁଥିବାରୁ ଟ୍ରାଫିକ୍ ପୋଲିସ କ୍ଷିପ୍ରବେଗରେ ଗାଡ଼ିଚାଳନା କରୁଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ହବିଷିଆଳିମାନେ ମୁଖ୍ୟତଃ ସକାଳ ସମୟରେ ଶ୍ରୀମନ୍ଦିର ଯାଉଛନ୍ତି ଓ ଦର୍ଶନ ସାରି ଫେରୁଛନ୍ତି। ଏଣୁ ଜିଲା ପ୍ରଶାସନ ହବିଷିଆଳିଙ୍କ ଉଦ୍ଦେଶ୍ୟରେ ଏକ ଚଲାପଥ କରିଡର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ବୃଦ୍ଧାମାନେ ପୁରୀ ସହରର ଗହଳିପୂର୍ଣ୍ଣ ରାସ୍ତାରେ ଚାଲିବା ସମସ୍ୟା ହେଉଛି। ଦୁର୍ଘଟଣା ଘଟିବାର ସମ୍ଭାବନା ମଧ୍ୟ ରହୁଛି। ଏକ ସ୍ୱତନ୍ତ୍ର ଚଲାପଥ ହେଲେ ହବିଷିଆଳିମାନେ ସହଜରେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାତାୟତ କରିପାରିବେ ବୋଲି ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଏହି ପ୍ରସ୍ତାବ ଉପରେ ବିଚାର କରିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

## ସୂର୍ଯ୍ୟମନ୍ଦିର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଏସ୍‌ପି

**କୋଣାର୍କ,୨୦।୧୦(ଡି.ଏନ୍.ଏ.)**

ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକ କେ. ବିଶାଲ ସିଂ ଗୁରୁବାର ଅପରାହ୍ନରେ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ଯାଇ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଉପରେ ଅନୁଧ୍ୟାନ କରିଛନ୍ତି। ଖବରରୁ ପ୍ରକାଶ ଯେ, ଆଗାମୀ କିଛିଦିନ ପରେ କୋଣାର୍କ ଉତ୍ସବ, ବଡ଼ଦିନ, ନୂଆବର୍ଷ ଓ ପର୍ଯ୍ୟଟନ ଋତୁ ଅବସରରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ କୋଣାର୍କ ଆସିବେ। ଏହି ପରିପ୍ରେକ୍ଷୀରେ ଆଗୁଆ ଏଏସ୍ଆଇ ପକ୍ଷରୁ ସୂର୍ଯ୍ୟ ମନ୍ଦିର ପରିସରରେ ପର୍ଯ୍ୟଟକମାନଙ୍କ ନିମନ୍ତେ କିଭଳି ଭାବେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ତାହାର ସ୍ଥିତି ଅନୁଧ୍ୟାନ କରିଛନ୍ତି ଏସ୍‌ପି କେ.ବିଶାଲ ସିଂ। ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଦାୟିତ୍ୱରେ ଥିବା ଅଧିକାରୀ ନିରୋଜ କୁମାର ସିଂଙ୍କୁ ପର୍ଯ୍ୟଟକମାନଙ୍କ ନିମନ୍ତେ କିଭଳି ଭାବେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି, କ'ଣ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେନେଇ ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ ସୂର୍ଯ୍ୟ ମନ୍ଦିର ଗାଇଡ୍ ଓ ଫଟୋଗ୍ରାଫର ଆସୋସିଏଶନ ସଭାପତି ଅଶୋକ କୁମାର ସ୍ୱାଇଁଙ୍କଠାରୁ ଏସ୍‌ପି ସିଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ଓ ଫଟୋଗ୍ରାଫରଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ଏସ୍‌ପି ସିଂ. ସୂର୍ଯ୍ୟ ମନ୍ଦିର ଚତୁଃପାର୍ଶ୍ୱସ୍ଥ ଅଞ୍ଚଳ ବୁଲି ଦେଖିବା ସହ ଏହାର ସ୍ଥିତି ଓ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ଗୋପ ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ଓ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ପି କେ. ବିଶାଲ ସିଂ ସୂର୍ଯ୍ୟ ମନ୍ଦିର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ଅବସରରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

